ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୦ • ସଂଖ୍ୟା–୩୪୮ • ୧୭ଜାନୁଆରୀ ୨୦୨୪, ବୁଧବାର • ଭୁବନେଶ୍ୱର • Vol -30 • Issue-348 • 17th January 2024, Wednesday • Bhubaneswar

Licensed to post without pre-payment of postage No- BN-60/22-24


DADLS-83

# ଜୟ ଜଗନ୍ନାଥ












ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଜି
୧୭ ଜାନୁଆରୀ ୨୦୨୪ ପୌଷ ଶୁକ୍ଳପକ୍ଷ ସପ୍ତମୀ ତିଥି
ଅପରାହ୍ନ ୦୧.୧୫ ଘଟିକାରେ
**'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର**
ଭବ୍ୟ ଲୋକାର୍ପଣ ସମ୍ପନ୍ନ ହେବ ।

ସକାଳ ୭ ଘଟିକାରୁ କାର୍ଯ୍ୟକ୍ରମର ସିଧାପ୍ରସାରଣ
ସମସ୍ତ ଓଡ଼ିଆ ଟିଭି ଚାନେଲ୍ ଏବଂ "IPR Odisha"
ୟୁଟ୍ୟୁବ୍ ଚାନେଲ୍‌ରେ ଦେଖିପାରିବେ ।

OIPR : 15001/13/0267/2324

27 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୧୭ ଜାନୁଆରୀ ୨୦୨୪ ବୁଧବାର





## ଗୁଣାତ୍ମକ ସୁରକ୍ଷା ପଦ୍ଧତି ପାଇଁ ଟିପିଏନଓଡିଏଲ୍‌କୁ ପ୍ଲାଟିନିୟମ୍ ସମ୍ମାନ

**ବାଲେଶ୍ୱର, ନ୍ୟୁଜ୍**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ର ଗୁଣାତ୍ମକ ସୁରକ୍ଷା ପଦ୍ଧତିକୁ ମିଳିଛି । ଆଉ ଏକ ଜାତୀୟ ସ୍ତରର ସ୍ୱୀକୃତି କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ପଦ୍ଧତି ପାଇଁ ଟିପିଏନଓଡିଏଲକୁ ପ୍ଲାଟିନିୟମ ସମ୍ମାନରେ ସମ୍ମାନିତ କରାଯାଇଛି । ସଷ୍ଟେନେବଲ ଡେଭଲପମେଣ୍ଟ ଫାଉଣ୍ଡେସନ୍ ପକ୍ଷରୁ କେରଳର ଥିରୁଭନ୍ତପୁରମରେ ଆୟୋଜିତ ୧୫ ତମ ବୃତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ମିଳନୀରେ ଟିପିଏନଓଡିଏଲକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ଏହାକୁ ନେଇ ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଖୁସି ବ୍ୟକ୍ତ କରିବା ସହ ଏହି ସଫଳତା ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏକ ନିରାପଦ ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି ଦିଗରେ ଅଧିକ ପ୍ରେରଣା ଦେବ ବୋଲି କହିଛନ୍ତି । ଏହି ସ୍ୱୀକୃତି ଆମର ଅଦମ୍ୟ ଉତ୍ସର୍ଗର ଏକ ପ୍ରମାଣ । ଏହା ସାମୂହିକ ପ୍ରୟାସ ଏବଂ ନିରାପତ୍ତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ପ୍ଲାଟିନମ ପୁରସ୍କାର ଆମ କମ୍ପାନୀକୁ ସୁରକ୍ଷା କ୍ଷେତ୍ରର ଅଗ୍ରଣୀ ଭାବରେ ସ୍ୱୀକୃତି ଦେଇଛି । ସୁରକ୍ଷା ମାନଦଣ୍ଡରେ ଉତ୍କର୍ଷତା ପାଇଁ ଏକ ମାନଦଣ୍ଡ ମଧ୍ୟ ସ୍ଥିର କରିଛି ବୋଲି ସେ ଦର୍ଶାଇଛନ୍ତି ।

# ଗୋପାଳଜୀଉ ମନ୍ଦିର ଦେବଗଡ଼ବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ:ଧର୍ମେନ୍ଦ୍ର

**ଦେବଗଡ଼, ନ୍ୟୁଜ୍ ବ୍ୟୁରୋ**



ପବିତ୍ର 'ମକର ସଂକ୍ରାନ୍ତି' ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ସ୍ଥିତ ଶ୍ରୀ ଗୋପାଳଜୀଉ ମନ୍ଦିରରେ ଦର୍ଶନ କରିବା ସହ 'ସ୍ୱଚ୍ଛତା ଶ୍ରମଦାନ' କରିଛନ୍ତି । ମନ୍ଦିରରେ ସଫେଇ କାର୍ଯ୍ୟ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀ ଗୋପାଳଜୀଉଙ୍କ ପୁରାତନ ମନ୍ଦିର ଦେବଗଡବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଅଟେ । ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବା ପାଇଁ ଆଉ ମାତ୍ର ୭ ଦିନ ବାକି ଅଛି । ୫୦୦ ବର୍ଷର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି । ପ୍ରଭୁ ଶ୍ରୀ ରାମଭକ୍ତଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖାଯାଇଛି । ଆଜି ଦେଶ ଯେତେବେଳେ ରାମମୟ ହୋଇଛି ଆମ ସମସ୍ତଙ୍କର ଦାୟିତ୍ୱ, ଆମେ ଆମର ନିକଟସ୍ଥ ଦେବାଳୟ, ଶକ୍ତିପୀଠ, ଗ୍ରାମ ଦେବତୀଙ୍କ ମନ୍ଦିର ତଥା ତୀର୍ଥସ୍ଥାନକୁ ସ୍ୱଚ୍ଛ ଓ ପବିତ୍ର ରଖିବା । ଜାନୁଆରୀ ୨୨ ତାରିଖରେ ଦୀପ ଜାଳି ଦିନଟିକୁ ଦୀପାବଳି ଉତ୍ସବ ଭାବରେ ପାଳନ କରିବା । ପ୍ରଭୁଙ୍କ ପାଖରେ ସମସ୍ତଙ୍କର ମଙ୍ଗଳ କାମନା କରୁଛି ।

## ଫକୀର ମୋହନ ଜଣେ ଯୁଗାନ୍ତକାରୀ ସାହିତ୍ୟିକ ଥିଲେ:ପୂଜ୍ୟ ପୂଜା ସମିତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ସ୍ଥାନୀୟ ବିଜିପୁର କମ୍ୟୁନିଟି ହଲ୍ ଠାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ ତମ ଜୟନ୍ତୀ ଉପଯୁକ୍ତ ମର୍ଯ୍ୟାଦାର ସହ ପାଳନ ହୋଇଯାଇଛି । ଓଡ଼ିଶା ନବଜାଗରଣର ଅନ୍ୟତମ ଅଭିବ୍ୟକ୍ତ ଫକୀର ମୋହନଙ୍କ ରଚିତ ଗଳ୍ପ, ଉପନ୍ୟାସ, କବିତା ଆଦି ଏହି ଉନ୍ନତ ଚିନ୍ତାଧାରା ଓ ପ୍ରଗତୀଶୀଳ ସାହିତ୍ୟର ବାର୍ତ୍ତାବହ । ଆଜି ଫକୀରମୋହନଙ୍କ ସାହିତ୍ୟର ପ୍ରାୟତଃ ଏକ ଶତାବ୍ଦୀରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସମାଜରେ ସେହି ସାମନ୍ତବାଦୀ ମନର ଅନ୍ଧତା, କୁସଂସ୍କାର, ଅନ୍ଧଧାର୍ମୀକତା, ନାରୀ ନିର୍ଯ୍ୟାତନା, ମଦ୍ୟପାନ, ବାବାମାନଙ୍କ ପ୍ରତି ଆକର୍ଷଣ, ମଣିଷକୁ ପଛକୁ ଟାଣୁଛି । ଅନ୍ୟପଟେ ଏହି ଅନ୍ଧତା ଗୁଡ଼ିକୁ ସୁଚତୁର ଭାବେ ପ୍ରଚାର ମଧ୍ୟ କରାଯାଉଛି । ଶୋଷଣ, ଅତ୍ୟାଚାର ବଢ଼ି ବଢ଼ି ଚାଲିଛି ଏବଂ ସାମାଜିକ ଦାୟିତ୍ୱହୀନତା, ସ୍ୱାର୍ଥପରତା, ଆତ୍ମକେନ୍ଦ୍ରିକତା, ଅପସଂସ୍କୃତି, ମଦମାଦକତା ଆଦି ଆଜିର ଶିକ୍ଷିତ ଯୁବ ଛାତ୍ରମାନଙ୍କୁ ଧ୍ୱଂସ କରୁଛି । ଏଭଳି ଏକ ସମୟରେ ଆଜି ବି ଫକୀରମୋହନ ସାହିତ୍ୟ ଚର୍ଚ୍ଚାର ପ୍ରାସଙ୍ଗିକତା ରହିଛି । ଏହି ସାହିତ୍ୟରୁ ପ୍ରୟୋଜନୀୟ ଶିକ୍ଷା ଗ୍ରହଣ କରି ଉନ୍ନତ ନୀତିନୈତିକତା, ରୁଚିସଂସ୍କୃତି, ମୂଲ୍ୟବୋଧର ଭିତ୍ତିରେ ଶୈକ୍ଷିକ ସାଂସ୍କୃତିକ ଆନ୍ଦୋଳନ ଗଢ଼ି ତୋଳିବାର ଆବଶ୍ୟକତା ରହିଛି ବୋଲି ପୂଜ୍ୟ ପୂଜା ସମିତି ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି । ସମିତି ସଭାପତି ବଂଶୀଧର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଏସ୍. ସାମ୍ବଶିବା ରାଓ, ମାନବ ଅଧିକାର ସୁରକ୍ଷା ମଞ୍ଚର ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, କବିରାଜ ସାହୁ, ରାମଚନ୍ଦ୍ର ସାହାଣୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ଗୌରୀ ଶଙ୍କର ମହାନ୍ତି, ସନ୍ତୋଷ ପାତ୍ର, ଅବନୀ ଗୟା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ନାରାୟଣ ନୃତ୍ୟ ମହୋତ୍ସବରେ ନୃତ୍ୟ ପସରା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



'ସୃଜନୀ' ପକ୍ଷରୁ ଭଞ୍ଜକଳା ମଣ୍ଡପରେ ନାରାୟଣ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ଅତିଥିଭାବେ ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ୍, ଗୁରୁ ନିରଞ୍ଜନ ରାଉତ, ସୃଜନୀର ସଭାପତି ଶରତ ରାଉତ, ଉପସଭାପତି ପ୍ରସନ୍ନ ରଥ ଓ ମାନସ ଚନ୍ଦ୍ର ରାୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସନ୍ଧ୍ୟାରେ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନର ନୃତ୍ୟ ଶିଳ୍ପୀ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ । କୁନି କୁନି କଳାକାରଙ୍କ ଦ୍ୱାରା ଏକକ, ଦ୍ୱୈତ ଓ ଦଳ ଗତ ନୃତ୍ୟ ପରିବେଷଣ କରାଯାଇଥିଲା । ମକର ସଂକ୍ରାନ୍ତି ଉପଲକ୍ଷେ ଶିଳ୍ପୀଙ୍କ ଦ୍ୱାରା ବିଶେଷ ନୃତ୍ୟ ପରିବେଷଣ କରାଯାଇଥିଲା । ଓଡ଼ିଶୀ ନୃତ୍ୟ ସାଙ୍ଗକୁ ସମ୍ବଲପୁରୀ ଲୋକ ନୃତ୍ୟରେ ଗୁଞ୍ଜରିତ ହୋଇଥିଲା ପ୍ରେକ୍ଷାଳୟ । ଶିଳ୍ପୀ ଅଙ୍କିତା କୁମାରୀଙ୍କ ନୃତ୍ୟ ପରିବେଶକୁ ଅଧିକ ରଙ୍ଗିନମନ୍ତ କରିଥିଲା । ତାଙ୍କ ପରିବେଷଣରେ ଥିଲା ମଙ୍ଗଳାଚରଣ । ସେହିପରି ରସରକେଳି ସମ୍ବଲପୁରୀ ସଙ୍ଗୀତରେ ଶିଳ୍ପୀଙ୍କ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଶଶିପ୍ରଭା ଦାସ, ଅବିକ୍ଷଣ ମହାରଣା, ଅନିଲ୍ କୁମାର ପଣ୍ଡା ଏବଂ ଅନ୍ୟମାନେ ।

# ନିର୍ବାଚନ ପୂର୍ବରୁ ଯାଦବ ଭବନ ନିର୍ମାଣ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଏବଂ ଗରାପୁର ସ୍ଥିତ ଗରୁଆଳ ଠାରେ ନିର୍ମାଣଧୀନ ଥିବା ଜିଲ୍ଲା ମୁଖ୍ୟ ଯାଦବ ଭବନକୁ ନିର୍ବାଚନ ପୂର୍ବରୁ ସାରିବା ପାଇଁ ଆପ୍ରାଣ ଚେଷ୍ଟା କରାଯାଉଥିବା ଜିଲ୍ଲା ଯାଦବ ମହାସଂଘ ସଭାପତି ପ୍ରଭାକର ପଲାଇ ପ୍ରକାଶ କରିଛନ୍ତି । ଜିଲ୍ଲାର ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜନଗରରେ ନିର୍ମାଣଧୀନ ଥିବା ଭବନ ଗୁଡିକ ବୁଲି ଦେଖିବା ସହ ସ୍ଥାନୀୟ ବ୍ଲକ ଯାଦବ ମହାସଂଘର ସଭାପତି ଓ ସଂପାଦକ ମାନଙ୍କ ସହ ଏକ ବୈଠକରେ ସମସ୍ତ କାର୍ଯ୍ୟ ଗୁଡିକୁ ନିର୍ବାଚନ ପୂର୍ବରୁ ସାରିବା ପାଇଁ ସଭାପତି ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ମିଳିଥିବା ଅନୁଦାନ ଗୁଡିକୁ ସୂଚାରୁ ରୂପେ ଖର୍ଚ୍ଚ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଜିଲ୍ଲାରେ ଜାତିଭିତ୍ତିକ ଜନ ଗଣନା ହିସାବରେ ବସବାସ କରୁଥିବା ୩ ଲକ୍ଷ ୬୧ ହଜାର ଭୋଟର ମାନଙ୍କର ଭୋଟ୍ ଦାନ ଆଗାମୀ ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସଂଘ ତରଫରୁ ପ୍ରକାଶ ପାଇଛି । ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଅଧିକ ଅନୁଦାନ ଦେବାପାଇଁ ୫ଟି ଅଧିକ୍ଷଙ୍କୁ ନିବେଦନ କରାଯିବା ସହ ସଂଗଠନକୁ ଅଧିକରୁ ଅଧିକ ମଜଭୁତ କରିବା ସହିତ ଯାଦବ ମାନଙ୍କର ବଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ବ୍ଲକ ଓ ପୌରାଞ୍ଚଳର ସଭାପତି ଓ ସଂପାଦକ ମାନେ ନିଷ୍ଠାପର ସହ କାର୍ଯ୍ୟକରି ସଂଗଠନକୁ ମଜଭୁତ କରି ଆଗକୁ ନେବାପାଇଁ ଏହି ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ରାଜକନିକା ବ୍ଲକର ସଭାପତି ପଞ୍ଚାନନ ଦାସ, ସଂପାଦକ ମନୋଜ କୁମାର ପରିଡା, ଆଳିର ଶେଖର ଚନ୍ଦ୍ର ବାରିକ, ଜିଲ୍ଲା ଯୁବ ସଭାପତି ମନୋଜ କୁମାର ଦାସ, ରାଜନଗର ବ୍ଲକର ଅସିତ କୁମାର କବି ଓ ସମସ୍ତ ବ୍ଲକ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପ୍ରସାଦ ପୃଷ୍ଟି ସହଯୋଗ କରିଥିବା ବେଳେ କୋଷାଧ୍ୟକ୍ଷ ନବ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ୬୦ ଲିଟର ଦେଶୀମଦ ଜବତ:ବେପାରୀ ଗିରଫ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ଦେଶୀମଦ ବିକ୍ରି କରିବା ଅଭିଯୋଗରେ ଗୋଡିସାହି ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରିବା ସହ ୬୦ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ବାରଙ୍ଗ ଥାନା ଅନ୍ତର୍ଗତ ଗୋଡିସାହି ଫାଣ୍ଡି ଅଧୀନସ୍ଥ ବଡ଼ ମୁଣ୍ଡଳୀ ଗ୍ରାମର ରବିନ୍ଦ୍ର ସାହୁ (୩୯) । ସୂଚନା ମୁତାବକ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ମୁଣ୍ଡଳୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଥିବା ଖୋଲା ପଡିଆରେ ଚଢଉ କରିଥିଲେ । ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୩ଟି ବ୍ଲାଡ଼ରରେ ଥିବା ୬୦ ଲିଟର ଦେଶୀମଦ ଜବତ କରି ଅଭିଯୁକ୍ତଙ୍କୁ କେସ୍ ନଂ ୨୨/୨୪ରେ ଅଦାଲତ ଚାଲାଣ କରାଯାଇଛି ।

## ଜନାର୍ଦ୍ଦନପୁର ଓ କଳମିଶ୍ରି ପଞ୍ଚାୟତରେ ୩ ରୂପାନ୍ତରୀତ ବିଦ୍ୟାଳୟ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

କଟକ ସଦର ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ମହାନଦୀ ଚିତ୍ରୋତ୍ପଳା ଦ୍ୱିପାଞ୍ଚଳର ଜନାର୍ଦ୍ଦନପୁର ପଞ୍ଚାୟତରେ ଚିତ୍ରୋତ୍ପଳା ଉଚ୍ଚ ବିଦ୍ୟାଳୟ ଓ ବଳରାମପୁର ଉଚ୍ଚ ବିଦ୍ୟାଳୟ, କଳମିଶ୍ରି ପଞ୍ଚାୟତର ଅନନ୍ତେଶ୍ୱର ଉଚ୍ଚ ବିଦ୍ୟାଳୟକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ମହାନଦୀ ଚିତ୍ରୋତ୍ପଳା ଦ୍ୱିପାଞ୍ଚଳରେ ଉପରୋକ୍ତ ତିନିଟି ପୁରୁଣା ବିଦ୍ୟାଳୟ ରୂପାନ୍ତରିତ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ତଥା ଛାତ୍ର ଛାତ୍ରୀ ମହଲରେ ବିପୁଳ ଆନନ୍ଦ ଓ ଉଚ୍ଛ୍ୱାସ ଦେଖା ଦେଇଛି । ଉଦ୍‌ଘାଟନ ସମୟରେ ଛାତ୍ରଛାତ୍ରୀ, ଅଭିଭାବକ, ମାତୃମଣ୍ଡଳୀ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ଉତ୍ସବକୁ ଅବଲୋକନ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସୂଚାରୁରୂପେ ପରିଚାଳନା କରିଥିଲେ । ଉଲ୍ଲେଖନୀୟ ଯେ, ଉଦ୍‌ଘାଟନ ଉତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ମାଣପୁର ପଞ୍ଚାୟତ କଲରାବାଙ୍କ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ କଟକ ଜିଲ୍ଲାର ୮୦ଟି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ ।

## ବ୍ରହ୍ମପୁର ମହାନଗର ପୁସ୍ତକ ମେଳାରେ କବିତା ଆସର

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଦିଗ୍‌ଦର୍ଶନ ଅନୁଷ୍ଠାନ ଓ ଖୋର୍ଦ୍ଧା ଜିଲ୍ଲା ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁର ଦଶମ ମହାନଗର ପୁସ୍ତକ ମେଳାର ଅଷ୍ଟମ ସନ୍ଧ୍ୟା ଖଲ୍ଲିକୋଟ ଏକକ ଖେଳ ପଡିଆରେ କବିତା ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦିଗଗଦର୍ଶନ ଅନୁଷ୍ଠାନର ନିର୍ଦ୍ଦେଶକ ଉମାକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବରିଷ୍ଠ ଲେଖିକା ଦେବୀପ୍ରଭା ରଥ ଉଦ୍‌ଘାଟିକା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ବୃକ୍ଷ ମାନବ ତଥା ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ଗାନ କରି ଉପସ୍ଥିତ କବି ଓ କବୟିତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟାପକ ତଥା ସୁସାହିତ୍ୟକ କୈଳାଶ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁମଧୁର ସୁନ୍ଦର କବିତା ଗାନ କରିଥିଲେ । ସମ୍ମାନିତ ଅତିଥି ଭାବେ ନିଶିଗନ୍ଧାର ଡ଼. କୁଳମଣି ଓଝା, ବରିଷ୍ଠ ତଥା ବିପ୍ଳବକବି ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ପୁସ୍ତକ ଓ ପୁସ୍ତକମେଳାର ଉପାଦେୟତା ବିଷୟରେ ଚୁମ୍ବକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପରେ ସୁଶ୍ରୀ ବିଜୟଲକ୍ଷ୍ମୀ ମହାକୁଡ଼ ଓ ସୁଧାଞ୍ଜଳି ମିଶ୍ରଙ୍କ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ କବିତା ପାଠ କରିଥିଲେ । ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ବଳରାମ ତରାଇଙ୍କ ଦ୍ୱାରା ନିଶିଗନ୍ଧାର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା । ପରିଶେଷରେ ସ୍ଥାନୀୟ ଅଞ୍ଚଳର କୁନି କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଦିଗ୍‌ଦର୍ଶନ ଫାଉଣ୍ଡେସନ୍‌ର ଉପସଭାପତି ରାକେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପୁସ୍ତକ ମେଳାର କମିଟି ମେମ୍ବର ପ୍ରଫୁଲ୍ଲ ତ୍ରିପାଠୀ, ବି ସତ୍ୟମ ଆଚାରୀ, ଗଜାନନ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ ।













# ତିର୍ତ୍ତୋଲରେ ଜଗନ୍ନାଥମୟ ପରିବେଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ୧୭ରେ ଉଦ୍‌ଘାଟନ ହେବାକୁ ଥିବାବେଳେ ଗାଁ ଠୁ ସହର ସବୁଆଡେ ଜଗନ୍ନାଥମୟ ପରିବେଶ ଦେଖିବାକୁ ମିଳୁଛି । ମହିଳାମାନେ ହଜାର ହାଜର ସଂଖ୍ୟାରେ ଅର୍ପଣ ରଥକୁ ପୂଜାର୍ଚ୍ଚନା କରି ସ୍ୱାଗତ କରିଛନ୍ତି । ତିର୍ତ୍ତୋଲ, କୋଳର, ତରଜଙ୍ଗା, ପ୍ରଭୃତି ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଥିଲା । କୋଳର ପଞ୍ଚାୟତର ସରପଞ୍ଚ ଉମେଶ ବେହେରା, ପିଓ ଲକ୍ଷ୍ମୀଧର ଦାସ, ଜିଆରଏସ ସୁଜାତା ସେଠୀ, ସମିତିସଭ୍ୟା ରାଜକୁମାରୀ ଦାସ, ଏମ୍‌କେ କାଞ୍ଚନ ବାଳା ପାଣି, ସିଆରପି ସନ୍ତୋଷୀ ଦାସ, ରଶ୍ମିରେଖା ଦଳାଇ, ବିକ୍ରମ ରାଉତ, ଗୋବିନ୍ଦ ଦାସ, ସୁଦିପ ରାଉତ, ଗିରିଧାରୀ ବାରିକ, ନିରଞ୍ଜନ ଆଚାର୍ଯ୍ୟଙ୍କ ସମେତ ପଞ୍ଚାୟତବାସୀ ସ୍ୱାଗତ କରିଥିଲେ । ତରଜଙ୍ଗା ପଞ୍ଚାୟତର ସରପଞ୍ଚ ରିତାଞ୍ଜଳୀ ମଲ୍ଲିକ, ନାଏବ ସରପଞ୍ଚ ଅଲେକଜଣ୍ଡାର ସାହୁ, ପିଇଓ ସୁଭଦ୍ରା ସୁତାର, ଏମ୍‌କେ ତଡିତ ବାଳା ସାମନ୍ତରାୟ, ବରିଷ୍ଠ ସଂଗଠକ ରଞ୍ଜିତ ପରିଜା ଓ ପଞ୍ଚାୟତବାସୀ ଅର୍ପଣ ରଥକୁ ପୂଜାର୍ଚ୍ଚନା କରି ସ୍ୱାଗତ କରି ଗୋଟା ଗୁଆ ଓ ଅକ୍ଷତ ଅର୍ପଣ କରିଥିଲେ । ତେନ୍ତୁଳିପଦା ସରପଞ୍ଚ ସରୋଜିନୀ ପରିଜା, ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ସମିତି ସଭ୍ୟ ପ୍ରବୀର କୁମାର ରାୟ, ତପନ କୁମାର ମହାନ୍ତି, ଅରବିନ୍ଦ ହୋତା, ପିଓ ସଚିନ ରାଉତ, ଜିଆରଏସ ଶୁବେନ୍ଦୁ ପଣ୍ଡା, ବିନୟ ମହାପାତ୍ର, ଯୋଗେନ୍ଦ୍ର ବେହେରା, ଏମ୍‌କେ, ସିଆରପିଙ୍କ ସମେତ ମହିଳା ଓ ପଞ୍ଚାୟତବାସୀ ସ୍ୱାଗତ କରିଥିଲେ ।

# ବ୍ୟାସକବି ଫକୀର ମୋହନଙ୍କ ସାହିତ୍ୟିକ କୃତି ଉପରେ ଆଲୋକପାତ





**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ଟିଟିଲାଗଡ଼ ସହରରେ ଥିବା ସାହିତ୍ୟ ସଂସ୍କୃତି ତରଫରୁ ସ୍ଥାନୀୟ ପୁରୁଣା ବ୍ୟାଙ୍କ ଛକ ନିକଟସ୍ଥ ପ୍ରଭାବତୀ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ବ୍ୟାସକବି ଫକୀର ମୋହନ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ସର୍ବ ପ୍ରଥମେ ଅନୁଷ୍ଠାନର ସଭ୍ୟ ତଥା ପ୍ରାକ୍ତନ ସଂସ୍କୃତ ପଣ୍ଡିତ ବୃନ୍ଦାବନ ଷଡ଼ଙ୍ଗୀ ଆମନ୍ତ୍ରିତ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଆମନ୍ତ୍ରିତ ଅତିଥି ମାନଙ୍କୁ ଅନୁଷ୍ଠାନର ସଭ୍ୟ ତଥା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରିନ୍‌ସିପାଲ ଡ. ଛାୟାକାନ୍ତ ଷଡ଼ଙ୍ଗୀ ଏବଂ ବରିଷ୍ଠ ସଭ୍ୟ ତଥା ଶିଶୁ ସାହିତ୍ୟକ ଡ଼ ଯୁଗଳ କିଶୋର ଷଡ଼ଙ୍ଗୀ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ସଭାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଏହି ସଂଗୀତ ସୋହନ ମାଝୀଙ୍କ ନିର୍ଦ୍ଦେଶନାରେ ପରିବେଶଣ କରାଯାଇଥିଲା । ସଭାରେ ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ସୁଶୀଲ କୁମାର କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଶିବପ୍ରିୟା ମିଶ୍ର ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସାହିତ୍ୟ ସଂସ୍କୃତି ଏବଂ ବ୍ୟାସକବି ଫକୀର ମୋହନଙ୍କ ଲିଖିତ ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ସାହିତ୍ୟ ସଂସ୍କୃତିର ସମ୍ପାଦକ ତଥା ସମାଜସେବକ ପ୍ରମୋଦ କୁମାର ପାଳ ବିବରଣୀ ଉପସ୍ଥାପନା କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ତଥା ବିଶିଷ୍ଟ ଶିକ୍ଷାବିତ ରାଜୀବ ଲୋଚନ ପାଢ଼ୀ ସ୍ୱାଗତ ଭାଷଣ ଦେବା ସହ ଉଦେଶ୍ୟଜ୍ଞାପନ କରିଥିଲେ । ଏହି ଶୁଭ ଅବସରରେ ବରିଷ୍ଠ ଶିକ୍ଷାବିତ ସେବକ ଚରଣ ଦାଶଙ୍କ ଦ୍ୱାରା ଲିଖିତ ପୁସ୍ତକ ବାସ୍ତବତାର ହିମାରେଖା ଏବଂ ବରିଷ୍ଠ ଡାକ୍ତର ତଥା ବିଶିଷ୍ଟ ସମାଜ ସେବକ ଡାକ୍ତର ଘନଶ୍ୟାମ ଜୈନଙ୍କ ଦ୍ୱାରା ଲିଖିତ ଜଣେ ଚିକିତ୍ସକଙ୍କ ଅନୁଭୂତିରୁ ଏବଂ ଚନ୍ଦ୍ରଶେଖର ସାହିତ୍ୟ ସଂସଦ, ଭୁବନେଶ୍ୱର ଦ୍ୱାରା ଏକ ଇ. ପତ୍ରିକା (ଜାନୁଆରୀ -୨୦୨୪ ସଂଖ୍ୟା ) ଉପସ୍ଥିତ ଆମନ୍ତ୍ରିତ ଅତିଥି ମାନଙ୍କ କର କମଳରେ ଏହି ପୁସ୍ତକ ଗୁଡ଼ିକ ଉନ୍ମୋଚନ କରାଯାଇଥିଲା । ଅନୁଷ୍ଠାନର ସଭ୍ୟ ୮୦ ବର୍ଷରେ ପଦାର୍ପଣ କରିଥବା ବରିଷ୍ଠ ସଭ୍ୟ ରାଜୀବ ଲୋଚନ ପାଢ଼ୀଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ତାଙ୍କରି ଦୀର୍ଘାୟୁ କାମନା କରିଥିଲେ । ପରିଶେଷରେ ଅନୁଷ୍ଠାନର ସଭ୍ୟ ବନମାଳୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଟିଟିଲାଗଡ଼ର ବହୁତ ସାହିତ୍ୟପ୍ରେମୀ ଓ ଓଡ଼ିଆଜାତି ପ୍ରୀତି ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

# ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତର ହେଲା ବାଲେଶ୍ୱର ଜିଲ୍ଲାର ୭୬ ହାଇସ୍କୁଲ୍

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**





ରାଜ୍ୟ ସରକାରଙ୍କ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ସମ୍ପ୍ରତି ଜାରି ରହିଥିବା ଚତୁର୍ଥ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାର ୭୬ ଗୋଟି ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ସଦର ବ୍ଲକର ଶ୍ରୀରାମପୁର ଗ୍ରାମ ପଞ୍ଚାୟତସ୍ଥିତ ଗୁଣ୍ଡୁରୀପଦା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ଶିକ୍ଷାନୁଷ୍ଠାନ ଗୁଡିକୁ ଲୋକାର୍ପଣ କରିଛନ୍ତି ଓ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସଦର ବିଧାୟକ ସ୍ୱରୂପ ଦାସ କହିଛନ୍ତି ଯେ ରୂପାନ୍ତରୀକରଣ ପ୍ରକ୍ରିୟା ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ । ଆଗାମୀ ଦିନରେ ଏହା ଓଡ଼ିଶାର ଯୁବପିଢ଼ିଙ୍କ ବିକାଶ ତଥା ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ତତ୍‌ସହିତ ୫ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କ ସହିତ ଆଭାସୀ ମାଧ୍ୟମରେ ବାର୍ତ୍ତାଳାପ କରି ଗୁଣ୍ଡୁରୀପଦା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ପ୍ରଧାନ ଭବିଷ୍ୟତରେ ଜଣେ ଆଇପିଏସ୍ ଅଧିକାରୀ ହେବାର ସ୍ୱପ୍ନ ବିଷୟରେ ଜଣାଇଥିଲେ । ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଅଧୀନରେ ବିଶ୍ୱସ୍ତରୀୟ ଇଣ୍ଟରାକ୍ଟିଭ୍ ଏବଂ ସ୍ମାର୍ଟ ଶ୍ରେଣୀଗୃହର ବିକାଶ କରାଯାଇଥିବା ବେଳେ ବିଦ୍ୟମାନ ଭିତ୍ତିଭୂମିର ଗୁଣବତ୍ତାର ବିକାଶ କରାଯାଇଛି । ପ୍ରତ୍ୟେକ ବିଦ୍ୟାଳୟରେ ଇ-ଲାଇବ୍ରେରୀ ଓ ପଠନ କକ୍ଷ ସମେତ ଆଧୁନିକ ବିଜ୍ଞାନ ଲାବୋରେଟୋରୀ ନିର୍ମାଣ କରାଯାଇଛି । ନିରାପଦ ଏବଂ ବିଶୁଦ୍ଧ ପାନୀୟ ଜଳ, ସ୍ୱଚ୍ଛ ଶୌଚାଳୟ, ସର୍ବୋତ୍ତମ ଖେଳ ସୁବିଧା ସହିତ ଖେଳ ପଡିଆର ନବୀକରଣ ମଧ୍ୟ ଏହି ପ୍ରକଳ୍ପ ଅଧୀନରେ କରାଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ବିଧାୟକ ଅନନ୍ତ ଦାସ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଏଠାରେ ପ୍ରକାଶ ଥାଉ କି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ୨୩, ୧୩୫ ଓ ୨୩୩ ଲେଖାଏଁ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହୋଇସାରିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୫ | ୪ବୃ | ୩କେ / ୨ଶୁ |
| ୭ | ୨୭ / ୧୨ | ୧ଲ |
| ୮ / ୯କେ | ୧୦ | ୧୨ମ ବୁ ୧୨ / ୧୧ ଶ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୭।୧।୨୦୨୪, ମାଘ ଦି୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୪୫ ଚନ୍ଦ୍ରୋଦୟ- ଦିଘ୧୦।୪୯।୦୬**

ସପ୍ତମୀ- ରାଘ ୧୦।୦୭ ପର୍ଯ୍ୟନ୍ତ । ରେବତୀ ଓ ମୀନ ନକ୍ଷତ୍ର - ରାଘ ୩।୩୪ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି -** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୦୩।୩୪ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର ରାଘ ୧୦।୦୭ ପରେ ମେଷ ରାଶି । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ୧୦।୦୭ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୬ ମଧ୍ୟେ ଦିଘ ୧।୪୬ ଗତେ ଘ ୪।୪୧ ମଧ୍ୟେ । **ପର୍ବୋତ୍ସବ -** ଶ୍ରୀକ୍ଷେତ୍ରରେ ପରିକ୍ରମା ମାର୍ଗର ଲୋକାର୍ପଣ ମହୋତ୍ସବ ।



**ମେଷ:** ଶତ୍ରୁ ନାଶ ହେବେ । ଶାରୀରିକ ପୀଡ଼ା ଦେଖାଦେଇପାରେ । ଜନସେବା ପ୍ରତି ମନ ବଳିବ । ଗୃହେ ସାମାନ୍ୟ ଦ୍ୱନ୍ଦ୍ୱ ଦେଖାଦେଇପାରେ । ଆୟ ଯୋଗ ରହିଛି । ମାନସିକ ଶାନ୍ତି କ୍ଷୟ ହେବାର ସୂଚନା ।



**ବୃଷ:** ସତ୍ ମାର୍ଗରେ ପରିଚାଳିତ ହେବେ । ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି । ବିବାଦୀୟ ଘଟଣାରେ ବିଜୟୀ ହେବେ । ଆର୍ଥିକ ସ୍ଥିତିରେ ହଠାତ୍ ପରିବର୍ତ୍ତନ ଘଟିପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମିଥୁନ:** ଅତୀତ ଘଟଣାକୁ କେନ୍ଦ୍ର କରି ବିବାଦ ଘେରରେ ପଡ଼ି ପାରନ୍ତି । ବ୍ୟବସାୟରେ ଲାଭବାନ୍ ହେବେ । ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ ।



**କର୍କଟ:** ଆଜି ଆପଣଙ୍କର ଦେବ ଦର୍ଶନ ସହିତ ସେବା ପୂଜାର ମଧ୍ୟ ସୁଯୋଗ ରହିଛି । ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ । ପାରିବାରିକ ସୁଖ ଶାନ୍ତି ଲାଭ ହେବ । ରୋଜଗାର ଭଲ ହେବ । ଦେହ ଭଲ ରହିବ ।



**ସିଂହ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ବହୁ ପ୍ରତୀକ୍ଷିତ ଖବର ଆପଣଙ୍କୁ ମିଳିପାରେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ମନରେ ଆନନ୍ଦ । ରୋଜଗାର ଭଲ ହେବ । ଗୃହେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବନ୍ଧୁଙ୍କ ସହଯୋଗ ଲାଭ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବାର ସୂଚନା ମଧ୍ୟ ।



**ତୁଳା:** ଅନ୍ୟମନସ୍କ ହେତୁ କୌଣସି କାର୍ଯ୍ୟ କରି ଅନୁତାପ କରିବେ । ରୋଜଗାରରେ ଉନ୍ନତି କରିବେ । ଦେହ ଓ ମନ ଭଲ ରହିବ । ମାଲିମୋକଦ୍ଦମାରେ ସଫଳତା ଦେଖାଦେବ । ଗୃହେ ଆନନ୍ଦ ।



**ବିଛା:** ପରୋପକାର କରି ପ୍ରଶଂସିତ ହେବେ । ଭ୍ରମଣ ମଧ୍ୟ କରିପାରନ୍ତି । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଠକ ଲୋକଙ୍କ ଠାରୁ ଦୂରେଇ ରୁହନ୍ତୁ । ବ୍ୟୟ ଯୋଗ ମଧ୍ୟ ରହିଛି । ଦେହ ଭଲ ରହିବ ।



**ଧନୁ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ଅସଫଳ ହେବ । ଶୁଭ କାର୍ଯ୍ୟ କରିପାରନ୍ତି । ଘରେ ଦ୍ୱନ୍ଦ୍ୱ ଦେଖାଦେବାର ସୂଚନା ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ଅପ୍ରିୟ ସତ କହି ବନ୍ଧୁଙ୍କ ପାଖରେ ବିରୋଧୀ ହେବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆମୋଦ ଓ ପ୍ରମୋଦରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଚଞ୍ଚଳମନା ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।



**ମୀନ:** ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ ମିଳିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ପାଠପଢ଼ାରେ ପଛେଇବେ । ରୋଜଗାର ଭଲ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ ।





## ରାମ ମନ୍ଦିର ନିମନ୍ତେ ନିମନ୍ତ୍ରଣ ଓ ଅକ୍ଷତ ବଣ୍ଟନ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଶିବନାରାୟଣପୁର ଗ୍ରାମରେ ଅଯୋଧ୍ୟାରେ ୨୨ ଜାନୁଆରୀରେ ହେବାକୁ ଥିବା ପ୍ରଭୁ ରାମଲାଲାଙ୍କ ମନ୍ଦିର ଓ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ନିମନ୍ତେ ଭଜନ କୀର୍ତ୍ତନ ସହ ଘର ଘର ଯାଇ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ସହ ଶ୍ରୀ ରାମଙ୍କ ଫଟୋ ବଣ୍ଟନ କରାଯାଇଥିଲା । ଏଥିରେ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ମହିଳା ମୋର୍ଚ୍ଚା କୋଷାଧ୍ୟକ୍ଷ ଦୀପ୍ତି ଖୁଣ୍ଟିଆ, ମିନତୀ ମହାପାତ୍ର, ନର୍ମଦା ମଲ୍ଲିକ୍, ବରିଷ୍ଠନେତା କୃଷ୍ଣଚନ୍ଦ୍ର ରାଉତ, ସୁଭାଦ୍ରୀ ବଳିଆର ସିଂ, ସୁରେନ୍ଦ୍ର ସାହୁ, ଶକ୍ତିକେନ୍ଦ୍ର ପ୍ରମୁଖ ସୁରେନ୍ଦ୍ର ବିଶ୍ୱାଳ, ସାଗର ସାହୁ, ଶରତ ବେହେରା, ବାବାଜୀ ଜେନା, ନଟବର ମହାନ୍ତି, କୋଦଣ୍ଡ ମହାନ୍ତି, ରବୀନ୍ଦ୍ର ଗିରି, ତୁଷାରକାନ୍ତ ଜେନା, ସୁବାଷ ଗିରି, ସୁରେଶ ମିଶ୍ର, କାଜଲ ସାହୁ, ପ୍ରତିମା ବେହେରା, ମଞ୍ଜୁଲତା ଦାସ, ସସ୍ମିତା ପାଢ଼ୀ, ନନ୍ଦକିଶୋର ବେହେରା, ପ୍ରାଣବନ୍ଧୁ ବେହେରା, ରମାକାନ୍ତ ପ୍ରଧାନ, ଗଣନାଥ ସାହୁ, କ୍ଷୀରୋଦ ରାଉତ, କୀର୍ତ୍ତନ ବେହେରା, କେଶବ ବେହେରା, ବିଦ୍ୟାଧର ଜେନା, ଜୟନ୍ତୀ ସାହୁ, ସାରୋଜନୀ ସାହୁ, ଝୁନୁଲତା ବେହେରା, କନକଲତା ଖଣ୍ଡା ପ୍ରମୁଖ ଭଜନ କୀର୍ତ୍ତନରେ ଗ୍ରାମ ପରିକ୍ରମାରେ ଯୋଗଦେଇଥିଲେ । ଗ୍ରାମର ମହିଳା ପୁରୁଷମାନେ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦର ସହ ଶଙ୍ଖ ହୁଳହୁଳିରେ ଅଯୋଧ୍ୟାରୁ ଆସିଥିବା ପବିତ୍ର ଅକ୍ଷତ ଓ ନିମନ୍ତ୍ରଣକୁ ଗ୍ରହଣ କରିଥିଲେ ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
ସମ୍ବାଦ କଳିକା
TM
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଦାମ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୦ ● ସଂଖ୍ୟା–୩୪୮ ● ୧୭ଜାନୁଆରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -30 ● Issue-348 ● 17th January 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24




# ଆଜି ଲୋକାର୍ପଣ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ପୁରୀ, ୧୬ା୧ : ନ୍ୟୁଜ୍ ବ୍ୟୁରୋ**

ପୌଷମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ଏହି ସ୍ମରଣୀୟ ମୁହୂର୍ତ୍ତକୁ ଆଉ ମାତ୍ର କେଇ ଘଣ୍ଟାର ଅପେକ୍ଷା। ବୁଧବାର ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅପରାହ୍ଣ ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ପରିକ୍ରମା ପ୍ରକଳ୍ପର ଫଳକ ଉନ୍ମୋଚନ କରିବେ ମୁଖ୍ୟମନ୍ତ୍ରୀ। ସେହିଭଳି ଅପରାହ୍ଣ ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ମହାଯଜ୍ଞ ପୂର୍ଣ୍ଣାହୁତି, ଆରତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ଅପରାହ୍ଣ ୨ଟାରୁ ୨ଟା ୩୦ ମଧ୍ୟରେ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରା କରାଯିବ।



ଅପରାହ୍ଣ ୨ଟା ୩୦ରୁ ୩ଟା ପର୍ଯ୍ୟନ୍ତ ସଭାଗୃହରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଅପରାହ୍ଣ ୩ଟା ପରେ ସର୍ବସାଧାରଣ ପରିକ୍ରମା ମାର୍ଗକୁ ଯାଇପାରିବେ। ସନ୍ଧ୍ୟାରେ ଲାଇଟ ଏବଂ ସାଉଣ୍ଡ ସୋ'ର ବ୍ୟବସ୍ଥା କରାଯାଇଛି । *(ପୃଷ୍ଠା ୭ରେ)*

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# ଗ୍ରାଉଣ୍ଡ ଜିରୋରେ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

**ପୁରୀ, ୧୬ା୧ : ନ୍ୟୁଜ୍ ବ୍ୟୁରୋ**

ବେଦମନ୍ତ୍ରରେ କମ୍ପୁଛି ଶ୍ରୀକ୍ଷେତ୍ର । ଶ୍ରୀମନ୍ଦିର ଚରିଦ୍ୱାରରେ ଗୁଞ୍ଜରିତ ହେଉଛି ବେଦଧ୍ୱନି । ପରିକ୍ରମା ମାର୍ଗରେ ଚାଲିଛି ନାମ ସଂକୀର୍ତ୍ତନ । ଭକ୍ତିଭାବରେ ଉଛୁଳୁଛି ବଡ଼ଦାଣ୍ଡ।

ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମାରୋହର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ପ୍ରସ୍ତୁତିକୁ ନେଇ ଗ୍ରାଉଣ୍ଡ ଜିରୋରେ ସମୀକ୍ଷା କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାର ତନ୍ନ ତନ୍ନ ଯାଞ୍ଚ କରିଛନ୍ତି ଶ୍ରୀ ପାଣ୍ଡିଆନ। ଭକ୍ତଙ୍କ ପାଇଁ ହୋଇଥିବା ବିଭିନ୍ନ ବ୍ୟବସ୍ଥା ସହ ବଡଦାଣ୍ଡର ଉଭୟ ପାର୍ଶ୍ୱରେ ହୋଇଥିବା ଆଲୋକୀକରଣ ବ୍ୟବସ୍ଥାର ମଧ୍ୟ ସେ ସମୀକ୍ଷା କରିଛନ୍ତି । ସମୀକ୍ଷା ବେଳେ ଲୋକଙ୍କ ସହ ଶ୍ରୀ ପାଣ୍ଡିଆନ୍ ସେଲଫି ନେଇଥିଲେ।



ମିଳିଥିବା ସୂଚନା ଅନୁସାରେ ସୋମବାର ଠାରୁ ପରିକ୍ରମା ଯଜ୍ଞ ଆରମ୍ଭ ହୋଇଥିବା ବେଳେ ପୁରୀକୁ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ସୁଅ ଛୁଟିବାରେ ଲାଗିଛି । ସୋମବାରଠାରୁ ଆରମ୍ଭ ହୋଇଥିବା ମହାଯଜ୍ଞର *(ପୃଷ୍ଠା ୭ରେ)*

## ଓଡ଼ିଶା ହେବ 'ଅକ୍ଷୟ' ସମୃଦ୍ଧ

### ନିୟମାବଳୀର ଅନୁପାଳନ ପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୬ା୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଆହରଣ ସହ ବ୍ୟବହାର ହୋଇପାରିବ ସେ ନେଇ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏଥିନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨କୁ ମଧ୍ୟ ପ୍ରଣୟନ କରିଛନ୍ତି । ଏହି ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଶକ୍ତି ବିଭାଗ ପରିଚାଳନା ନିୟମାବଳୀକୁ ଅନୁମୋଦନ କରିଛି। ଫଳରେ ଅକ୍ଷୟ ଶକ୍ତି ବ୍ୟବହାର, ଉତ୍ପାଦନ କ୍ଷେତ୍ରରେ ଆହୁରି ସହଜତା ଆସିବ।

ଏହି ନୀତିର କାର୍ଯ୍ୟକାରିତା ପାଇଁ ଗ୍ରୀଡ୍‌କୋକୁ ନୋଡାଲ ଏଜେନ୍ସି ଭାବେ ମନୋନୀତ କରାଯାଇଛି । ଏହାକୁ ସୂଚାରୁ ଭାବେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ସିଙ୍ଗଲ ୱିଣ୍ଡୋ କମିଟି, ଷ୍ଟେଟ ଲେଭଲ ଫ୍ୟାସିଲିଟେସନ ସେଲ୍‌ଫ ମଧ୍ୟ ଗଠନ କରିଛନ୍ତି। ଯାହାଫଳରେ ନିବେଶକମାନେ ଅଧିକ ଆକୃଷ୍ଟ ହେବା ସହ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିପାରିବେ। ଓଡ଼ିଶାରେ ନିକଟ ଅତୀତରେ ପବନ, ସୌର ଏବଂ ଜଳ ବିଦ୍ୟୁତ୍‌କ୍ଷେତ୍ରରେ ନିବେଶକଙ୍କୁ ଆକୃଷ୍ଟ କରିବାରେ ଅକ୍ଷୟ ଶକ୍ତି ନୀତି ୨୦୨୨ ବେଶ୍ ସହାୟକ ହୋଇପାରିଥିବା ବେଳେ ବିପୁଳ ପରିମାଣର ନିବେଶ ପ୍ରସ୍ତାବ ମଧ୍ୟ ଆସୁଛି। ଗତ ନଭେମ୍ବର ମାସରେ ସୌର ଶକ୍ତିରେ ନିବେଶ ପାଇଁ ପ୍ରାୟ ୪୯୪୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲା। ଏହି ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ପ୍ରାୟ ୫୭୫ ମେଗାୱାଟ୍ ପବନ ଶକ୍ତି ରାଜ୍ୟରେ ଉତ୍ପାଦିତ ହୋଇପାରିବ। ସେହିପରି ବିଭିନ୍ନ ସମୟରେ ରାଜ୍ୟରେ ଥିବା ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ବିଭିନ୍ନ ସମୟରେ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# 'ନବୀନ କାର୍ଡ' ପାଇଁ ଗ୍ରାମାଞ୍ଚଳରେ ପ୍ରବଳ ଉତ୍ସାହ

## ଅନଲାଇନ ଆବେଦନ ଅବଧି ଜାନୁଆରୀ ୨୬କୁ ବୃଦ୍ଧି

**ଭୁବନେଶ୍ୱର, ୧୬ା୧**
**ନ୍ୟୁଜ୍ ବ୍ୟୁରୋ**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ-ନବୀନ କାର୍ଡ ପାଇଁ ଆବେଦନ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ପରିଲକ୍ଷିତ ହୋଇଛି । ଗ୍ରାମ ଓ ପଞ୍ଚାୟତ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଫଳରେ ଏହା ସମ୍ଭବ ହୋଇଛି । ମଙ୍ଗଳବାର (୧୬ ତାରିଖ) ଏହି କାର୍ଡ ପାଇଁ ଆବେଦନର ଶେଷ ତାରିଖ ରହିଥିବା ବେଳେ ଏହି ଅବଧିକୁ ଆଉ ୧୦ ଦିନ *(ପୃଷ୍ଠା ୭ରେ)*




## ପିଏମ୍-ଜନମନ ଯୋଜନା

# ଲକ୍ଷେ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଦେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୬ା୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ (ଜନମନ) ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍‌ଏୱାଇ-ଜି)ର ୧ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପିଏମ୍-ଜନମନର ହିତାଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।



ସ୍ୱାମୀଙ୍କ ସହ କୃଷି କାର୍ଯ୍ୟରେ ନିୟୋଜିତ ଥିବା ଛତିଶଗଡ଼ର ଜଶପୁର ଜିଲ୍ଲାର ସୁଶ୍ରୀ ମନକୁନାରୀ ବାଇ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ ଯେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଗାଯୋଗ କରି ଡୋନା ପଟ୍ଟାଲ ତିଆରି କରିବା ପାଇଁ ପ୍ରଶିକ୍ଷଣ ହାସଲ କରୁଛନ୍ତି ଏବଂ ଘର ଘର ବୁଲି ଜନମନ ସଙ୍ଗୀ ଭାବରେ ପିଏମ-ଜନମନ ସମ୍ବନ୍ଧୀୟ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରୁଛନ୍ତି । ସେ ଦୀପ ସମୂହ ନାମକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ। ଯେଉଁଥିରେ ୧୨ ଜଣ ସଦସ୍ୟ ଅଛନ୍ତି। ବନଧନ କେନ୍ଦ୍ରଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀରେ ସୃଷ୍ଟି ହୋଇଥିବା ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାର ଯୋଜନା ବିଷୟରେ ମଧ୍ୟ *(ପୃଷ୍ଠା ୭ରେ)*

# ପୁଟିନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ, ୧୬ା୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଅନେକ ପ୍ରସଙ୍ଗର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ସେମାନେ ଭାରତ-ଋଷ ସ୍ୱତନ୍ତ୍ର ଏବଂ ରଣନୈତିକ *(ପୃଷ୍ଠା ୭ରେ)*



# ନିପା ପ୍ରତିଷେଧକ ଟିକାର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ

**ନୂଆଦିଲ୍ଲୀ, ୧୬ା୧**

ମାରାତ୍ମକ ନିପା ଭୂତାଣୁ ବିରୋଧରେ ପ୍ରତିଷେଧକ ଟିକା ପ୍ରସ୍ତୁତ ହୋଇଛି। ଲଣ୍ଡନର ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ଏହି ଟିକାର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ ହୋଇଥିବା ବିଶ୍ୱବିଦ୍ୟାଳୟ *(ପୃଷ୍ଠା ୭ରେ)*



# ଆଜିଠୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା

**ଭୁବନେଶ୍ୱର, ୧୬ା୧**
**ନ୍ୟୁଜ୍ ବ୍ୟୁରୋ**

ଦିନକ ପରେ ବଦଳିବ ପାଗ। ଆସନ୍ତା ୧୭ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ କିଛି ସ୍ଥାନରେ ବର୍ଷା *(ପୃଷ୍ଠା ୭ରେ)*

# ୯ ବର୍ଷ ମଧ୍ୟରେ ଦାରିଦ୍ର୍ୟତାରୁ ବାହାରିଛନ୍ତି ୨୪.୮୨ କୋଟି ଭାରତୀୟ



**ନୂଆଦିଲ୍ଲୀ, ୧୬ା୧**

ପୂର୍ବରୁ ଏକ ଧାରଣା ରହି ଆସିଥିଲା ଯେ ଭାରତ ଏକ ଗରିବ ରାଷ୍ଟ୍ର । ଏବେ କିନ୍ତୁ ଧୀରେ ଧୀରେ ସେ ଧାରଣା ବଦଳିବାରେ ଲାଗିଛି। ନୀତି ଆୟୋଗର ଏକ ରିପୋର୍ଟ ଅନୁଯାୟୀ, ଗତ ନଅ ବର୍ଷ ମଧ୍ୟରେ ପ୍ରାୟ ୨୪.୮୨ କୋଟି ଲୋକ ଦେଶର ଦାରିଦ୍ର୍ୟ ସୀମାରୁ ବାହାରି ଆସିଛନ୍ତି । ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୧୩-୧୪ ବର୍ଷରେ ଦେଶରେ ୨୯.୧୭ ପ୍ରତିଶତ ଦାରିଦ୍ର୍ୟ ହାର ରହିଥିଲା, ଯାହା ୨୦୨୨-୨୩ ମସିହାରେ ୧୧.୨୮ ପ୍ରତିଶତକୁ ହ୍ରାସ ପାଇଥିଲା।

ଏହି ସମୟ ମଧ୍ୟରେ ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ଦାରିଦ୍ର୍ୟର ସର୍ବାଧିକ ହ୍ରାସ ଘଟିଛି । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଧାରଣର ଉନ୍ନତି ମାଧ୍ୟମରେ ଏହାର ମୂଲ୍ୟାଙ୍କନ କରି ନୀତି ଆୟୋଗ ମଲ୍‌ଟିଡାଇମେନ୍‌ସ୍‌ନାଲ୍‌ପଭର୍ଟି ଇଣ୍ଡେକ୍ସ (ଏମ୍‌ପିଆଇ) ପ୍ରସ୍ତୁତ କରିଛି।

ଏହି ରିପୋର୍ଟ ବାହାରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋଶିଆଲ ମିଡିଆ ପ୍ଲାଟଫର୍ମରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସର୍ବଦଳୀୟ ବିକାଶ ତଥା ସମୃଦ୍ଧ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ ଜାରି ରଖିବୁ। *(ପୃଷ୍ଠା ୭ରେ)*

# ଦାରିଦ୍ର୍ୟ ହ୍ରାସରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ

## କୋଟିଏ ଲୋକ ଦାରିଦ୍ର୍ୟ କବଳରୁ ମୁକ୍ତ

**ଭୁବନେଶ୍ୱର, ୧୬ା୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସାମଗ୍ରିକ ଅର୍ଥନୈତିକ ବିକାଶ ଘଟିଛି । ପ୍ରଗତି ପଥରେ ଓଡ଼ିଶା ଆଗେଇ ଚାଲିଛି । ଫଳରେ ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରୁଛି । ରାଜ୍ୟରେ ଏକ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ କବଳରୁ ମୁକ୍ତ ହୋଇଛନ୍ତି। ନୀତି ଆୟୋଗର ସଦ୍ୟତମ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଦେଶରେ ଦାରିଦ୍ର୍ୟ ହାର ହ୍ରାସ ୧୧.୨୮ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୧୧.୦୭ ପ୍ରତିଶତ ରହିଛି ।

ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଧାରଣର ମାନଦଣ୍ଡକୁ ଆଧାର କରି ରିପୋର୍ଟ ପ୍ରକାଶ ପାଇଛି । ଓଡ଼ିଶାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନକଲ୍ୟାଣକାରୀ ଯୋଜନା ଓ ବ୍ୟାପକ ନିଯୁକ୍ତି ଯୋଗୁ ଉଲ୍ଲେଖନୀୟ ଭାବେ ଦାରିଦ୍ର୍ୟ ହାର ହ୍ରାସ ଘଟିଛି । ରାଜ୍ୟର ଉଲ୍ଲେଖନୀୟ ସଫଳତା ଦେଶ ପାଇଁ ରୋଲ ମଡେଲ ସାଜିଛି ।



29 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ଜାନୁଆରୀ ୨୦୨୪ ବୁଧବାର







## ପ୍ରଦର୍ଶିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମିନି ମଡେଲ

# ଲାଇଟ୍ ସାଉଣ୍ଡ ସୋ'ରେ କାଞ୍ଚି ଅଭିଯାନ କାହାଣୀ



ଆକାଶ ମାର୍ଗରୁ ଝଲସୁଛି ଶ୍ରୀମନ୍ଦିର ପରିକ୍ରମାର ଚିତ୍ର। ସ୍ୱର୍ଗୀୟ ଅନୁଭବ ଦେଉଛି ସବୁଜିମା ଭରା ଲ୍ୟାଣ୍ଡସ୍କେପଠୁ ନେଇ ବଉଳମାଳିଆ ପଥରର କାରିଗରୀ। ମେଘନାଦ ପରେ ପ୍ରଦକ୍ଷଣ ମାର୍ଗକୁ ସୁରକ୍ଷା ଦେବାକୁ ନିର୍ମିତ ହୋଇଛି କାରୁକାର୍ଯ୍ୟ ଭରା ପ୍ରାଚୀର। କ୍ଲକ ରୁମ୍‌ଠୁ ନେଇ ସେଲ୍ଟର ପ୍ୟାଭିଲିୟନ। ସୂଚନା କେନ୍ଦ୍ରରୁ ନେଇ ଆମ୍ଫି ଥିଏଟର। ସୁରକ୍ଷା ବଳୟଠାରୁ ସାଂସ୍କୃତିକ ମଣ୍ଡପ। ପରିକ୍ରମା ମାର୍ଗ ମଧ୍ୟରେ ଏହି ଅପୂର୍ବ ସମାହାର ପ୍ରତିରୂପ ସଂଦର୍ଶନ କରିବେ ଭକ୍ତ। ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରଦର୍ଶନୀ କକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅବିକଳ ମିନି ମଡେଲ ପ୍ରଦର୍ଶିତ କରାଯିବ। ଅର୍ଥାତ ଭକ୍ତମାନେ ପରିକ୍ରମା ମାର୍ଗ ପ୍ରଦକ୍ଷଣ କରିବା ପରେ ଯେଉଁ ଅନୁଭବ ନେବେ, ତା'ର ସମ୍ପୂର୍ଣ୍ଣ ରୂପରେଖ ଦେଖିପାରିବେ।

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପରିକଳ୍ପନା ପୂର୍ବରୁ ଅର୍ଥାତ ୫ ବର୍ଷ ଅତୀତର ଶ୍ରୀମନ୍ଦିର ପ୍ରଦକ୍ଷଣ ମାର୍ଗ ଏବଂ ଏବେର ପରିକ୍ରମା ପ୍ରକଳ୍ପ ମଧ୍ୟରେ ଆକାଶପାତାଳର ଅନୁଭବ ଭେଟି ଦେବ। ଭକ୍ତମାନେ ଅତୀତରେ ଦେଖିଥିବା ଶ୍ରମନ୍ଦିର ପରିପାର୍ଶ୍ୱ ଏବଂ ଏବେ ଦେଖୁଥିବା ପରିକ୍ରମା ମାର୍ଗ ଅଭିଭୂତ କରିବ, ଏଥିରେ ଦ୍ୱିଧା ନାହିଁ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦିନଠାରୁ ଅର୍ଥାତ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମିନି ମଡେଲ ଦେଖିପାରିବେ ଭକ୍ତ। ଏହା ମଧ୍ୟରେ କେଉଁ ସୁବିଧା କେଉଁଠାରେ ରହିଛି ତାହା ମଧ୍ୟ ଅବଲୋକନ କରିପାରିବେ।

ପ୍ରଦର୍ଶନୀ କକ୍ଷରେ ଭକ୍ତମାନେ ବଡ଼ ପରଦାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ପରିକ୍ରମା ପ୍ରକଳ୍ପ ନିର୍ମାଣର କଥା, ୨୦୨୦ ମସିହାର ଭକ୍ତଶୂନ୍ୟ ରଥଯାତ୍ରାର କଥା, ମହାପ୍ରଭୁଙ୍କ ସହ ସଂଶ୍ଳିଷ୍ଟ ବହୁ କଥାବସ୍ତୁର ଅବତାରଣା ଦେଖିବାକୁ ପାଇବେ। ଏଥିପାଇଁ ଜଗନ୍ନାଥ ବଲ୍ଲଭ ପରିସରରେ ୬୦ ଫୁଟ ଲମ୍ବ ଓ ୧୨ ଫୁଟ ଓସାରର ଏକ ବୃହତ୍ ପରଦାରେ ଭକ୍ତମାନେ ଏହି ଅନୁଭବ ନେବେ। ଏହା ମଧ୍ୟ ୧୭ରୁ ଆରମ୍ଭ ହୋଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିଲ୍ଲୀର ଏକ ଏଜେନ୍ସିକୁ ଏହି ମିନି ମଡେଲ ଏବଂ ପରଦାରେ ଶ୍ରୀଜଗନ୍ନାଥ ସଂସ୍କୃତିର କଥା ପ୍ରଦର୍ଶନ ପାଇଁ ନିୟୋଜିତ କରାଯାଇଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପର୍ବ ଭକ୍ତଙ୍କୁ ଶ୍ରୀକ୍ଷେତ୍ରରେ ନିଆରା ଅନୁଭବ ଦେବ। ପ୍ରଥମଥର ପାଇଁ ସହରରେ ଲାଇଟ ସାଉଣ୍ଡ ସୋ' ଦେଖିବାର ସୁଯୋଗ ମିଳିବ। ବଡ଼ଦାଣ୍ଡ ସଂଲଗ୍ନ ମ୍ୟୁନିସିପାଲିଟି ମାର୍କେଟ କାନ୍ଥରେ ଲାଇଟ ସାଉଣ୍ଡ ତଥା ଲେଜର ସୋ'ରେ ମହାପ୍ରଭୁଙ୍କ କାଞ୍ଚି ଅଭିଯାନର କଥାଚିତ୍ର ଦେଖିବେ ଭକ୍ତ। ୧୭ରୁ ଲାଇଟ ଆଣ୍ଡ ସାଉଣ୍ଡ ସୋ' ଆରମ୍ଭ ହେବ। ଗଜପତି ପୁରୁଷୋତ୍ତମ ଦେବ ଏବଂ ପଦ୍ମାବତୀଙ୍କ ପ୍ରେମରୁ ନେଇ ଯୁଦ୍ଧ ପର୍ଯ୍ୟନ୍ତ କଥାବସ୍ତୁର ଅବତାରଣା ଦେଖିବାକୁ ମିଳିବ। ସନ୍ଧ୍ୟାରେ ଏହି ସୋ' ପ୍ରଦର୍ଶିତ ହେବ। ଦିଲ୍ଲୀର ଏକ ଏଜେନ୍ସିକୁ ଏହାର କାର୍ଯ୍ୟଭାର ପ୍ରଦାନ କରାଯାଇଛି।। ମହାପ୍ରଭୁଙ୍କ ଏହି ଐତିହାସିକ ପ୍ରକଳ୍ପର ଲୋକାର୍ପଣକୁ ଅବିସ୍ମୃତ ରଖିବା ପାଇଁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପରାମର୍ଶରେ ଭକ୍ତଙ୍କୁ ନୂଆ ଅନୁଭୂତି ଭେଟି ଦେବା ପାଇଁ ହୋଇଥିବା ଭିନ୍ନଭିନ୍ନ ପ୍ରୟାସ ମଧ୍ୟରେ ଲାଇଟ୍ ସାଉଣ୍ଡ ସୋ' ଅନ୍ୟତମ। ଏହି ସୋ' ପ୍ରଦର୍ଶନ ପାଇଁ ଦାୟିତ୍ୱ ନେଇଥିବା ଏଜେନ୍ସିର କର୍ମକର୍ତ୍ତା ଗୌରବ ଗିରଙ୍କ କହିବା ଅନୁଯାୟୀ, ଜର୍ମାନ ହାଙ୍ଗର ସମ୍ମିଳନୀ କକ୍ଷରେ ବେଶ ପ୍ରଦର୍ଶନୀ, ରଥ ପ୍ରଦର୍ଶନୀଠୁ ନେଇ ଶ୍ରୀମନ୍ଦିର ପ୍ରଦକ୍ଷଣ ମାର୍ଗର ପ୍ରତିରୂପ, ସ୍କ୍ରିନ ସୋ' ଏବଂ ଲାଇଟ ସାଉଣ୍ଡ ସୋ'ର ବ୍ୟବସ୍ଥା କରାଯାଉଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହା ଭକ୍ତଙ୍କ ଉଦ୍ଦେଶ୍ୟରେ କରାଯାଉଛି ବୋଲି ସେ କହିଛନ୍ତି।

# ଦିବ୍ୟାଙ୍ଗ-ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

ଖୋଲିଛି ବରିଷ୍ଠ ସହାୟତା କେନ୍ଦ୍ର




ରହିଛି ହ୍ୱିଲ ଚେୟାର ବ୍ୟବସ୍ଥା

ମହାପ୍ରଭୁ-ଦିବ୍ୟାଙ୍ଗ ଭକ୍ତଙ୍କ ମଧ୍ୟରେ ବାଧକ ହେଉନି ଭିଡ଼। ବରିଷ୍ଠ ନାଗରିକମାନେ ବି ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯିବାକୁ ଲମ୍ବା ଧାଡ଼ିର ସାହାରା ନେବାକୁ ପଡୁନାହିଁ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ବିହିତ ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ଖୋଲାଯାଇଛି ସ୍ୱତନ୍ତ୍ର ବରିଷ୍ଠ-ଦିବ୍ୟାଙ୍ଗ ହେଲ୍ପ-ଡେସ୍କ କାଉଣ୍ଟର। ପରିବାରବର୍ଗଙ୍କ ସହ ଆସୁଥିବା ଦିବ୍ୟାଙ୍ଗମାନେ ଉକ୍ତ ହେଲ୍ପ-ଡେସ୍କ କାଉଣ୍ଟର ନିକଟରେ ପହଞ୍ଚିଲେ, ସେମାନଙ୍କୁ ଦର୍ଶନ ପାଇଁ ନେବାର ବ୍ୟବସ୍ଥା କରି ଦେଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ।

ମୁଖ୍ୟତଃ ବରିଷ୍ଠ ନାଗରିକମାନେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ବ୍ୟାକୁଳ ହେଉଥିଲେ ହେଁ ଭିଡ଼ ଓ ଲମ୍ବା ଧାଡ଼ି ଦେଖି ନିରାଶ ହୁଅନ୍ତି। ଅନେକ ଧାଡ଼ି ବ୍ୟବସ୍ଥାରେ ଛିଡ଼ା ହେବାର ଜୁ' ନଥିବାରୁ ଦର୍ଶନ ପାଇଁ ଭୟରେ ଆସନ୍ତି ନାହିଁ। ତେବେ କୌଣସି ଭକ୍ତ ଯେପରି ମହାପ୍ରଭୁଙ୍କ ଦିବ୍ୟ ସାନ୍ନିଧ୍ୟରୁ ବଞ୍ଚିତ ନହୁଏ, ସେ ନେଇ ବିଶେଷ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବରିଷ୍ଠ ନାଗରିକଙ୍କୁ ନେଇ ପରିବାରଲୋକେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ମାର୍ଗରେ ଦର୍ଶନ ପାଇଁ ନିଆଯାଉଛି। ହ୍ୱିଲ-ଚେୟାର ମାଧ୍ୟମରେ ସ୍ୱେଚ୍ଛାସେବୀ ଅବା କର୍ମଚାରୀମାନେ ଦର୍ଶନ ପାଇଁ ନେଇ ଯାଉଛନ୍ତି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଓ ଭିନ୍ନକ୍ଷମମାନେ ବିଶ୍ରାମ ନେବା ଲାଗି ସ୍ୱତନ୍ତ୍ର ସେଡ୍ ସହ ହେଲ୍ପ-ଡେସ୍କ ବ୍ୟବସ୍ଥା ହୋଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଦପ୍ତର ପକ୍ଷରୁ ସେମାନଙ୍କୁ ଦର୍ଶନ ପାଇଁ ନେବା ଲାଗି ୮ଟି ହ୍ୱିଲ୍ ଚେୟାର ଯୋଗାଇ ଦିଆଯାଇଛି ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା କହିଛନ୍ତି। ଫଳରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ସ୍ୱଚ୍ଛନ୍ଦରେ ଦର୍ଶନ ସୁବିଧା ପାଉଛନ୍ତି।

ଜଗନ୍ନାଥବଲ୍ଲଭ ପରିସରରେ ଗାଡ଼ି ପାର୍କିଂ କରିବା ପରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଓ ବରିଷ୍ଠ ବର୍ଗର ଭକ୍ତମାନେ ପହଞ୍ଚିବା ଲାଗି ବ୍ୟାଟେରି ଚାଳିତ ଅଟୋର ବନ୍ଦୋବସ୍ତ କରାଯାଇଛି। ଜଗନ୍ନାଥବଲ୍ଲଭରୁ ଶ୍ରୀମନ୍ଦିରର ଦୂରତା ୧ କିଲୋମିଟରରୁ ଊର୍ଦ୍ଧ୍ୱ ହୋଇଥିବାରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ଚାଲିଚାଲି ଯିବା ସମ୍ଭବ ନୁହେଁ। ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୧୦ଟି ଏବଂ ନାଲକୋ ସହଯୋଗରେ ୧୦ଟି ବ୍ୟାଟେରି ଚାଳିତ ଅଟୋ ଯୋଗାଇ ଦିଆଯାଇଛି। ଏଥିସହ ଆଉ କିଛି ଇ-ଅଟୋର ବ୍ୟବସ୍ଥା କରାଯାଇଛି। ଏହି ଅଟୋ ଜରିଆରେ ଦିବ୍ୟାଙ୍ଗ ଭକ୍ତମାନେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବା ପରେ ସେଠାରୁ ହ୍ୱିଲ୍ ଚେୟାରରେ ଯାଉଛନ୍ତି। ସେମାନଙ୍କ ସହ ପରିବାର ବର୍ଗଙ୍କ ମଧ୍ୟରୁ ଜଣକୁ ସାଙ୍ଗରେ ଛଡ଼ାଯାଉଛି।

ବଡ଼ଦାଣ୍ଡ ବ୍ୟତୀତ ନବନିର୍ମିତ ଶ୍ରୀଦାଣ୍ଡରେ ମଧ୍ୟ ସମାନ ବ୍ୟବସ୍ଥା ଆପଣାଯିବ। ମୁଖ୍ୟତଃ ଜଗନ୍ନାଥ ବଲ୍ଲଭ ମଧ୍ୟରେ ପାର୍କିଂ କରୁଥିବା ଭକ୍ତମାନେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିରକୁ ଯିବେ। ତେଣୁ ସେମାନେ ଯେପରି ସେଇ ଶ୍ରୀଦାଣ୍ଡରେ ଅଟୋର ସୁବିଧା ପାଆନ୍ତି ସେଥିଲାଗି ବ୍ୟବସ୍ଥା ହୋଇଛି। ଶ୍ରୀଦାଣ୍ଡରେ କିଛି ସ୍ଥାନ କେବଳ ସରକାରଙ୍କ ପ୍ରଦତ୍ତ ବ୍ୟାଟେରି ଅଟୋ ଚଳାଚଳ କରିବ। ବିନା କୌଣସି ଦେୟରେ ଦିବ୍ୟାଙ୍ଗ ଓ ବରିଷ୍ଠ ଭକ୍ତମାନେ ଉକ୍ତ ଅଟୋରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ମହାପ୍ରଭୁଙ୍କ ରଥଯାତ୍ରା, ନୂଆବର୍ଷ, ଅନ୍ୟାନ୍ୟ ପର୍ବପର୍ବାଣୀରେ ଦିବ୍ୟାଙ୍ଗ ଓ ବରିଷ୍ଠ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗାଇ ଦିଆଯାଉଛି।

ସ୍ୱେଚ୍ଛାସେବୀମାନଙ୍କ ପ୍ରମୁଖ ଯୋଗଦାନ ରହୁଛି। ୧୭ତାରିଖ ପରିକ୍ରମା ପ୍ରକଳ୍ପ ଦିନ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ପୌରନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି।

# ଅଳିଆ ଛୁଇଁବନି ପରିକ୍ରମା ମାର୍ଗ

## ଆବର୍ଜନା ପରିଚାଳନା ପାଇଁ ଗାର୍ବେଜ ଚୁଟ୍



ମେଘନାଦ ପାଚେରି କଡ଼ରେ ଏଣିକି ଆଉ ବର୍ଜ୍ୟବସ୍ତୁ ଗଦା ହୋଇ ରହିବ ନାହିଁ। ପରିକ୍ରମା ମାର୍ଗ ପ୍ରଦକ୍ଷଣ ବେଳେ ଦୁର୍ଗନ୍ଧ ହେବ ନାହିଁ କି ଅଳିଆ ଆବର୍ଜନା ପରିକ୍ରମା କ୍ଷେତ୍ରକୁ ଅଶୋଭନୀୟ କରିବ ନାହିଁ। ଅତ୍ୟାଧୁନିକ ଉପାୟରେ ଏଗୁଡ଼ିକ ଏକ ଗାର୍ବେଜ ଚୁଟ୍ ମାଧ୍ୟମରେ ବାହାରକୁ ଆସିବ। ଆଧୁନିକ ଜ୍ଞାନକୌଶଳର ଉପଯୋଗ ସହ ମେଘନାଦ ପାଚେରି କଡ଼ରେ ଦୁଇଟି ଗାର୍ବେଜ ଚୁଟ୍ ସ୍ଥାପିତ ହୋଇଛି। ଉଭୟ ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ପାର୍ଶ୍ୱରେ ଏହି ଗାର୍ବେଜ ଚୁଟ୍ ଲଗାଯାଇଛି। ଏଣିକି ଶ୍ରୀମନ୍ଦିର ମଧ୍ୟରେ ନିୟୋଜିତ କର୍ମଚାରୀମାନେ ସମସ୍ତ ବର୍ଜ୍ୟ ଆଣି ସିଧାସଳଖ ଗାର୍ବେଜ ଚୁଟ୍‌ରେ ପକାଇବେ। ଶ୍ରୀମନ୍ଦିର ଆନନ୍ଦ ବଜାରରେ ଅବଢ଼ା ଖାଇବା ପାଇଁ ବ୍ୟବହୃତ ପତ୍ର, ଦୈନନ୍ଦିନ ବାହାରୁଥିବା ପୂଜା ସାମଗ୍ରୀ, ଅବଢ଼ା କୁଡୁଆ ଉତ୍ତର ଓ ଦକ୍ଷିଣ ଦ୍ୱାରରେ ପକାଯିବା ପରେ ସେଗୁଡ଼ିକ କୈବଲ୍ୟ ଯାନରେ ଉକ୍ତ ସ୍ଥାନରୁ ଖାଲି କରିବାର ବ୍ୟବସ୍ଥା ଥିଲା। ତେବେ ଦୀର୍ଘ ସମୟ ପାହାଡ଼ ଆକାରର ଆବର୍ଜନା ଗଦା ହୋଇ ରହୁଥିବାରୁ ଦୁର୍ଗନ୍ଧ ବାହାରେ। ମେଘନାଦ ପାର୍ଶ୍ୱ ଦେଇ ଯାଉଥିବା ଭକ୍ତମାନେ ଦୁର୍ଗନ୍ଧ ଯୋଗୁଁ ଅତିଷ୍ଠ ହୁଅନ୍ତି। ଏହା ଦୀର୍ଘ ସମୟ ପଡ଼ି ରହୁଥିବାରୁ ଅଶୋଭନୀୟ ପରିବେଶ ସୃଷ୍ଟି କରେ। ଆତଯାତ ଭକ୍ତଙ୍କ ପାଇଁ ବି ଏହା ଦୃଷ୍ଟିକଟୁ ହେଉଥିଲା। ସଂପ୍ରତି ପ୍ରଦକ୍ଷଣ ମାର୍ଗ କାର୍ଯ୍ୟ ଚାଲୁଥିବା ବେଳେ ସୌନ୍ଦର୍ଯ୍ୟୀକରଣ କରାଯାଉଛି। ଏଣେ ଭକ୍ତମାନଙ୍କ ପାଇଁ ମାର୍ଗକୁ ସୌନ୍ଦର୍ଯ୍ୟୀକରଣ କରାଯାଉଛି। ଯେପରି ଏହି ସୌନ୍ଦର୍ଯ୍ୟର ଶୋଭା ନଷ୍ଟ ନହୁଏ ଏବଂ ଏହି ଆବର୍ଜନା ଗଦା ଭକ୍ତଙ୍କ ମଧ୍ୟରେ ନକାରାତ୍ମକ ଭାବନା ସୃଷ୍ଟି ନକରେ, ସେଥିପାଇଁ ଏହି ଗାର୍ବେଜ ଚୁଟ୍ ପ୍ରତିଷ୍ଠା କରାଯାଉଛି। ପରିକ୍ରମା ମାର୍ଗ ପ୍ରଦକ୍ଷଣ ପଥରେ ଉତ୍ତର ଓ ଦକ୍ଷିଣ ଦ୍ୱାର ପାର୍ଶ୍ୱରେ ପ୍ରାୟ ୯ ମିଟର ଉଚ୍ଚ ଏବଂ ପ୍ରାୟ ୩ ଫୁଟ ବ୍ୟାସାର୍ଦ୍ଧ ବିଶିଷ୍ଟ ଗାର୍ବେଜ ଚୁଟ୍ ସ୍ଥାପିତ ହୋଇଛି। ଏହି କାର୍ଯ୍ୟରେ ନିୟୋଜିତ ଭବାନୀପାଟଣା ମେଡିକାଲ କଲେଜର କ୍ୱାଲିଟି ମ୍ୟାନେଜର ପ୍ରଫୁଲ୍ଲ କୁମାର ସାହୁ କହିଛନ୍ତି, ବଡ଼ ବଡ଼ ବିଲ୍ଡିଂରେ ଅଳିଆ ତଳକୁ ପକାଇବା ଲାଗି ଏଭଳି ଗାର୍ବେଜ ଚୁଟ୍‌ର ବ୍ୟବହାର କରାଯାଏ। ତେବେ ଏଠାରେ ଲାଗିଥିବା ଚୁଟ୍‌ଗୁଡ଼ିକ ବହୁତ ଦୃଢ଼ ଓ ଦୀର୍ଘସ୍ଥାୟୀ। ଏକ ମେସିନ ସହଯୋଗରେ ଗାର୍ବେଜ ଚୁଟ୍‌ରେ ଅଳିଆ ପଡ଼ି ବାହାରକୁ ଆସେ। ମାତ୍ର ଶ୍ରୀମନ୍ଦିର ମଧ୍ୟରେ ଯାନ୍ତ୍ରିକ ବ୍ୟବହାର ନହୋଇ ଏହା ମାନୁଆଲ (ମନୁଷ୍ୟକୃତ) ତଥା ଅଳିଆ ଆଣି କର୍ମଚାରୀମାନେ ନିଜେ ଚୁଟ୍ ମଧ୍ୟରେ ପକାଇବେ। ଅଳିଆ ପକାଇବା ପରେ ଏହା ଚୁଟ୍‌ର ତଳ ପାର୍ଶ୍ୱରେ ସଂଯୋଗ ହୋଇଥିବା ଟ୍ରଲିରେ ପଡ଼ିବ। ସେଠାରୁ ଟ୍ରଲିକୁ ଟ୍ରାକ୍ଟର କିମ୍ବା ଅନ୍ୟ ଯାନ ଦ୍ୱାରା ବାହାରକୁ ନିଆଯିବ। ପରିକ୍ରମା ମାର୍ଗ ଯେପରି ଅଳିଆ ସ୍ପର୍ଶ ନକରିବ, ସେନେଇ ଗୁରୁତ୍ୱ ଦିଆଯାଉଛି। ମିଳିଥିବା ସୂଚନା ମୁତାବକ, ଭବିଷ୍ୟତରେ ଏହି ଗାର୍ବେଜ ଚୁଟ୍‌ରେ ଏକ ରିସାଇକ୍ଲିଂ ତଥା ପୁନଃଚକ୍ରଣ ମେସିନ ଖଞ୍ଜାଯିବ। ମେସିନଟି ଉକ୍ତ ଅଳିଆକୁ ପୃଥକ କରି ବଣ୍ଡଲ କରି ଦେବ। ଏହାଦ୍ୱାରା ଅଳିଆ ପୃଥକୀକରଣ ସହ ପ୍ରକ୍ରିୟାକରଣ ସହଜ ହେବ। ଏହି ଗାର୍ବେଜ ଚୁଟ୍‌ରେ ଆକ୍ସେସ ଡୋର, ବ୍ରସିଂ ଡିଭାଇସ, ଫ୍ରି କଟଅଫ୍ ଡୋର ଆଦି ରହିବ। ଆବର୍ଜନା ପରିଚାଳନା ପାଇଁ ପ୍ରଥମଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ପରିକ୍ରମା ମାର୍ଗର ସୌନ୍ଦର୍ଯ୍ୟରେ ଯେପରି କୌଣସି ପ୍ରକାରର ବୁଝାମଣା କରାନଯାଏ ଏବଂ ଦୀର୍ଘସ୍ଥାୟୀ କାମ ହୁଏ ସେନେଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଆଧୁନିକ ବ୍ୟବସ୍ଥାମାନ ଆପଣାଯାଇଛି।

# ୩୫ଟି ଜାଗା ଆଖଡ଼ାରେ ପ୍ରତିଷ୍ଠା ହେବ ଜିମ୍ ହଲ୍

## ଖର୍ଚ୍ଚ ହେବ ୮କୋଟି ୫୦ଲକ୍ଷ, କୁସ୍ତି ପାଇଁ ଦିଆଯିବ ରେସଲିଙ୍ଗ ମ୍ୟାଟ୍



୩୫ଟି ଜାଗା ଆଖଡ଼ାରେ କସରତ ପାଇଁ ପ୍ରସ୍ତୁତ ହେବ ଉନ୍ନତ ଭିତ୍ତିଭୂମି। ଆଖଡ଼ାରେ ପ୍ରତିଷ୍ଠା ହେବ ଜିମ୍ ହଲ୍। କୁସ୍ତି ପାଇଁ ଜାଗା ଘରକୁ ଯୋଗାଇ ଦିଆଯିବ ରେସଲିଙ୍ଗ ମ୍ୟାଟ୍। ପୁରୀର ଜାଗା ଆଖଡ଼ା ସଂସ୍କୃତିକୁ ବଳିଷ୍ଠ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କୁସ୍ତିର ସହର ପୁରୀରେ କିଛି ଜାଗାଘରକୁ ଯୋଗାଇ ଦିଆଯିବ ରେସଲିଙ୍ଗ ମ୍ୟାଟ। ଜାଗା ଘର ଭିତ୍ତିଭୂମି ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ସରକାରଙ୍କ ଉଦ୍ୟମରେ ଏଭଳି ପଦକ୍ଷେପ ନିଆଯାଇଛି। ମୋଟ ୩୫ଟି ଜାଗା ଆଖଡ଼ାରେ ଜିମ୍ ହଲ୍ ପ୍ରତିଷ୍ଠା କରାଯିବ। ଜିମ୍ ପ୍ରତିଷ୍ଠା ପାଇଁ ୮କୋଟି ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଜିମ୍ ମଧ୍ୟରେ ଆଧୁନିକ ସରଞ୍ଜାମ ଯୋଗାଇ ଦିଆଯିବ।

ଜାଗା ଆଖଡ଼ା ଶ୍ରୀକ୍ଷେତ୍ର ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ଜାଗାଘରଗୁଡ଼ିକ ବହୁ ପ୍ରାଚୀନ ହୋଇଥିବାରୁ ସେଗୁଡ଼ିକର ମରାମତି ନିତାନ୍ତ ପ୍ରୟୋଜନ ଥିଲା। ତେଣୁ କିଛି ଜାଗା ଆଖଡ଼ାର ଭିତ୍ତିଭୂମି ସହ ପରିପାର୍ଶ୍ୱକୁ ନୂଆ ରୂପ ଦିଆଯାଇଛି। ଏହି କ୍ରମରେ ଆଉ ୩୫ ଜାଗା ଘର ଯୋଡ଼ି ହୋଇଛି। ଏବେ ବି ପାରମ୍ପରିକ ସରଞ୍ଜାମରେ ଯୁବକମାନେ ବ୍ୟାୟାମ କରୁଛନ୍ତି। ଅନ୍ୟ ଜିମ୍‌ମାନଙ୍କରେ ଆଧୁନିକ ସରଞ୍ଜାମ ରହିଥିବାରୁ ବହୁ ଯୁବକ ଜାଗା ଆଖଡ଼ା ଛାଡ଼ି ଜିମ୍ ମୁହାଁ ହେଉଥିବାରୁ ଜିମ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଜାଗା ଆଖଡ଼ାର ପିଲାମାନଙ୍କୁ ପୁଣି ଜାଗା ଆଖଡ଼ାମନସ୍କ କରିବା ଉଦ୍ଦେଶ୍ୟ ନେଇ ଜାଗା ଘରଗୁଡ଼ିକୁ ଆଧୁନିକ ଛାପ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୩୫ଟି ଜାଗା ଘରକୁ ଏଥିପାଇଁ ଚୟନ କରାଯାଇଛି। ଜିମ୍ ନିର୍ମିତ ହେବାକୁ ଥିବା ଜାଗା ଘରଗୁଡ଼ିକ ହେଲା, ମକରଧ୍ୱଜ, ମାଜଣା, ହିଞ୍ଜଳ, ପଞ୍ଚାୟତ, ଗୁରୁଜଙ୍ଗ, ଦୁବେଇ, ଖୁଣ୍ଟିଆ, ଦୀକ୍ଷିତ ବଡ଼ପୋଖରୀ, ମଲ୍ଲୀଗଡ଼, ବଡୁମହାପାତ୍ର, ଚମ୍ପାଗଡ଼, ନୂଆତୋଟା, ଜଗୁ ତିଆଡ଼ି, ଅତ୍ରଗ ତିଆଡ଼ି, ଯମନଗଡ଼, ଖାସ, କୁସନ ଖୁଣ୍ଟିଆ, ମୁଦୁଲି, ଧ୍ୱଜଗଡ଼, ଜମିଖୁଣ୍ଟିଆ, ବାରବାଟୀ, ନୃସିଂହବଲ୍ଲଭ, ଶଙ୍ଖକୋଟ, ତାପଙ୍ଗ, ସୁନ୍ଦରା, ଗଡ଼ମଲ୍ଲ, ରାଜବଲ୍ଲଭ, ବଡ଼ଆଖଡ଼ା, ପାଣ୍ଡ, ସାତବଖରା, ଭଟ୍ଟ, ରାହାସ ମହାନ୍ତି, ବିଶୁନି ଓ ଗୋପାଳବଲ୍ଲଭ ଜାଗା।

କିମ୍ବଦନ୍ତୀ ମୁତାବକ, ରାମଚନ୍ଦ୍ର ଦେବଙ୍କ ସମୟରେ ଏହି ଜାଗା ଆଖଡ଼ା ଘର ସଂସ୍କୃତିର ବିରାଟ ବିଦ୍ୟାଳୟ ଭାବେ ପ୍ରତିଷ୍ଠିତ ହୋଇଥିଲା। ଗୀତ, ବାଦ୍ୟ, କୁସ୍ତି, ସଂସ୍କୃତ ଶ୍ଳୋକ ପାଠର ସ୍ଥଳ ଥିଲା ଜାଗା ଘର। ଦୂରଦୃଷ୍ଟି ସମ୍ପନ୍ନ ଗଙ୍ଗବଂଶୀୟ ରାଜାମାନଙ୍କ ଶାସନ କାଳରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ସୁରକ୍ଷା ଓ ନୀତି ପରିଚାଳନା ପାଇଁ କୋଟ, ଆଖଡ଼ା, ଜାଗା, ଗଡ଼ମାନ ପ୍ରତିଷ୍ଠା ହୋଇଥିଲା। ସେଠାରେ ଶରୀର ଚର୍ଚ୍ଚା ସହ ଗାନ୍ଧର୍ବ କଳାର ଅଭ୍ୟାସ ହେଉଥିଲା। ମାତ୍ର ଧୀରେଧୀରେ ଗାନ୍ଧର୍ବ କଳା ବିଲୁପ୍ତ ହୋଇଯାଇଥିଲେ ମଧ୍ୟ କୁସ୍ତି ଓ କସରତ କଳା ଶିଖିବା ପାଇଁ ଏବେ ବି ବହୁ ଯୁବକଙ୍କର ଆଗମନ ହୁଏ। ତେଣୁ ଶ୍ରୀକ୍ଷେତ୍ରର ଐତିହ୍ୟ ଭାବେ ପରିଚିତ ଜାଗା ଆଖଡ଼ା ଘରକୁ ନୂଆ ଭାବେ ପୁନରୁଦ୍ଧାର କରିବା ଉଦ୍ଦେଶ୍ୟ ନେଇ ଉନ୍ନତୀକରଣ କରାଯିବାକୁ ନିଷ୍ପତ୍ତି ହୋଇଛି।

ଏନେଇ ପୌରପାଳିକା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ମୋଟ ୩୫ଟା ଜାଗ ଆଖଡ଼ା ଘରେ ଜିମ୍ ହଲ୍ ପ୍ରତିଷ୍ଠା ହେବ। କ୍ରୀଡ଼ା ବିଭାଗ ପକ୍ଷରୁ ଏନେଇ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ। ପ୍ରତ୍ୟେକ ଜାଗା ଘର ପାଇଁ ପ୍ରାୟ ୨୩ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। ଜିମ୍ ଗୃହ ନିର୍ମାଣ ପାଇଁ ପାଖାପାଖି ୧୦ଲକ୍ଷ, ଜିମ୍ ସରଞ୍ଜାମ ଯୋଗାଇ ଦେବା ଲାଗି ୧୦ଲକ୍ଷ ଟଙ୍କା ଏବଂ ରେସଲିଂ ମ୍ୟାଟ ଓ ଅନ୍ୟ ସରଞ୍ଜାମ ପାଇଁ ପ୍ରାୟ ୩ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। ଜିମ୍ ଘରର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ସମ୍ଭବତଃ ୨ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ।

# ଦିନରାତି ଏକାକାର କରିଦେଇଛନ୍ତି କାରିଗର

ମହାପ୍ରଭୁଙ୍କ ପାଇଁ...



କି ଦିନ, କି ରାତି; ସବୁ କିଛି ଏକାକାର ହୋଇଯାଇଛି। ଦିନରେ ଦେହକୁ ଖରା କାଟୁନି କି ରାତିରେ କାଲୁଆ ପବନ ଅତିଷ୍ଠ କରୁନି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଆଉ ମାତ୍ର ଅଳ୍ପ ସମୟ ଥିବାରୁ କାରିଗରଙ୍କୁ ଟିକିଏ ହେଲେ ବି ଫୁରସତ୍ ନାହିଁ। ଅହରହ ଚାଲିଛି କାମ। ଭୋକ, ଶୋଷ, ନିଦ ଭୁଲି ଶତାଧିକ କାରିଗର ନିର୍ମାଣ କାର୍ଯ୍ୟକୁ ଶେଷ ସ୍ପର୍ଶ ଦେବାରେ ଲାଗି ପଡ଼ିଛନ୍ତି। ଦେଶ ବିଦେଶରୁ ଆସିବାକୁ ଥିବା ଶ୍ରଦ୍ଧାଳୁ, ଅତିଥି ଯେପରି ଏଠାରୁ ଏକ ଭଲ ଅନୁଭୂତି ନେଇ ଫେରିବେ, ସେନେଇ ଅବିଶ୍ରାନ୍ତ ହୋଇପଡ଼ିଛି ନିପୁଣ କାରିଗରଙ୍କ ନିହାଣ। କଳିଙ୍ଗର କଳା ଓ ଏହାର ମନ୍ଦିର ନିର୍ମାଣ ଶୈଳୀ ବିଶ୍ୱବିଦିତ। ଶ୍ରୀମନ୍ଦିର ହେଉଛି ଏହାର ଚରମ ନିଦର୍ଶନ। ଏହି ଧାରାକୁ ଆଉ ଦୁଇ ପାଦ ଆଗେଇ ନେବାକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଚେଷ୍ଟିତ। ମହାପ୍ରଭୁଙ୍କ ଆଜ୍ଞା ଓ ମୁଖ୍ୟମନ୍ତ୍ରୀଙ୍କର ପରିକଳ୍ପନାରେ ନିର୍ମାଣ ଚାଲିଛି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପୁରୀ ପରିକ୍ରମା ପ୍ରକଳ୍ପର ପ୍ରତିଟି ଦିଗକୁ ଅତି ପାଖରୁ ନିରୀକ୍ଷଣ କରିବା ସହ ପ୍ରତିଟି ଶିଳାରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଓ ପୂଜ୍ୟପୂଜାର ପରମ୍ପରା କିଭଳି ପ୍ରସ୍ଫୁଟିତ ହେବ, ସେଥିପାଇଁ ଚେଷ୍ଟିତ। ସ୍ଥାପତ୍ୟ କଳାର ଶ୍ରେଷ୍ଠ ନିଦର୍ଶନ ପାଇଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମୁଖ୍ୟ ସ୍ଥପତି ଭବାନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶହଶହ ସ୍ଥପତି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଚାଲିଛନ୍ତି। ନିର୍ଜୀବ ପଥର ଦେହରେ କେଉଁସ୍ତରର ସୃଜନଶୀଳ ସମ୍ଭବ ହୋଇପାରେ; ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ତା'ର ଅସଂଖ୍ୟ ଉଦାହରଣ ଦେଖିବାକୁ ମିଳୁଛି। ମହାପ୍ରଭୁଙ୍କ ପାଇଁ ଦିନରାତି ଏକ କରିଦେଇଛନ୍ତି ଶତାଧିକ ସ୍ଥପତି। କିଏ ଖଣ୍ଡୋଲାଇଟ୍ ପଥରରେ ଅତି ଆନ୍ତରିକତାର ସହ ମୂର୍ତ୍ତି ନିର୍ମାଣ କରୁଛନ୍ତି ତ କିଏ ମୁକ୍ତାକାଶ ମଞ୍ଚ। ପୁଣି କିଏ ଖମ୍ବ, ପରିକ୍ରମା ବାଡ଼, ବିଦ୍ୟୁତ୍ ଗୃହ, ଶୌଚାଳୟ, ବସିବା ସ୍ଥାନ, ମଣ୍ଡପ ଆଦିରେ ଲାଗି ପଡ଼ିଛନ୍ତି। କେବଳ ସ୍ଥପତି ନୁହେଁ, ରାତିରାତି ଅନିଦ୍ରା ହୋଇ ଚତୁଃପାର୍ଶ୍ୱ ରାସ୍ତା ଢଳେଇ, ମରାମତି ଓ ଯୋଡ଼ାଯୋଡ଼ି କାମରେ ଲାଗିଛନ୍ତି ରାଜମିସ୍ତ୍ରୀ। କାନ୍ଥବାଡ଼କୁ ରଙ୍ଗ ଲଗାଇ ଝଟକାଉଛନ୍ତି। ପ୍ରକଳ୍ପର ସମସ୍ତ ଦିଗକୁ କେବୁଲ୍ ବିଛାଇବା ସହ ଲାଇଟ୍ ଓ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ଲଗାଉଛନ୍ତି ବିଦ୍ୟୁତ୍-ମିସ୍ତ୍ରୀ। ସେହିପରି କାଠ କାମ, ପାଣି ପାଇପ୍ ବିଛାଇବା, ଗଛ ଲଗାଇବା, ଗ୍ଲାସ୍ ଫାଇବର୍ ଲଗାଇବା କାମ ଜାରି ରଖିଛନ୍ତି କାରିଗର। ଖାଲି ସେତିକି ନୁହେଁ, ଅଧରାତିରେ ଓଡ଼ିଶାର ଆଗଧାଡ଼ିର ଶିଳ୍ପୀ ଅନିଦ୍ରା ରହି ପଟ୍ଟଚିତ୍ର ଆଙ୍କୁଥିବା ମଧ୍ୟ ଜଣାପଡ଼ିଛି। ସର୍ବୋପରି ମହାପ୍ରଭୁଙ୍କ କାମ ପାଇଁ ସମସ୍ତେ ନିଜକୁ ଏକପ୍ରକାର ଉତ୍ସର୍ଗ କରିଦେଇଛନ୍ତି।

## ଶ୍ରୀମନ୍ଦିର ସୁରକ୍ଷା କବଚ: ଭକ୍ତି ଓ ଶକ୍ତିର ମିଳନ ସ୍ଥଳ

# ଜଙ୍ଗ, ସାଙ୍ଗ, ପଙ୍ଗତ ଓ ସଂଗୀତ ଏକତ୍ର ଉପଲବ୍ଧ



ଶ୍ରୀମନ୍ଦିର ହେଉଛି ଓଡ଼ିଆ ଜାତିର ଆରାଧନାର ପ୍ରାଣକେନ୍ଦ୍ର। ଏହାର ସୌନ୍ଦର୍ଯ୍ୟ ଏବଂ ପ୍ରାଚୁର୍ଯ୍ୟ ସର୍ବଜନବିଦିତ। ଅଣ-ହିନ୍ଦୁ ଶାସକମାନେ ଏଥିରେ ଲୋଭାସକ୍ତ ହୋଇ ଏହାକୁ ଲୁଣ୍ଠନ କରିବାର ଉଦ୍ଦେଶ୍ୟ ନେଇ ଅତୀତରେ ବହୁବାରଆକ୍ରମଣ କରିଛନ୍ତି । ସେହି ଆକ୍ରମଣରୁ ଶ୍ରୀମନ୍ଦିରକୁ ରକ୍ଷା କରିବା ପାଇଁ ରାଜା ଚୋଡ଼ଗଙ୍ଗ ଦେବ ଜାଗାଘର ବା ଆଖଡ଼ା ଗୁଡ଼ିକର ପରିକଳ୍ପନା କରିଥିଲେ। କାରଣ ସେ ସମୟରେ ବର୍ତ୍ତମାନର ମେଘନାଦ ପ୍ରାଚୀର ନଥିଲା । ଏହି ଜାଗାଘରେ ଯୁବକମାନଙ୍କ ଶାରୀରିକ, ବୌଦ୍ଧିକ ଏବଂ ଆଧାତ୍ମିକ ବିକାଶ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଯୁବକମାନଙ୍କୁ ସବଳ, ସଶକ୍ତ ଏବଂ ସକ୍ରିୟ କରି ଶ୍ରୀମନ୍ଦିରକୁ ସୁରକ୍ଷା ଯୋଗାଇ ଦେବା ଥିଲା ପ୍ରମୁଖ ଉଦ୍ଦେଶ୍ୟ ।

ରାଜାଙ୍କ ଏହି ପରିକଳ୍ପନା କ୍ରମେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଗଢ଼ି ଉଠିଥିଲା ଅନେକ ଜାଗାଘର। ଜାଗା ସଂସ୍କୃତି ପୁରୀ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ୭ଟି ବହୁ ପୁରାତନସାହି ରହିଛି । ପ୍ରତିସାହିରେ ସ୍ୱତନ୍ତ୍ର ଜାଗାଘରରହିଛି । ପୁରୀରେ ପ୍ରାୟ ୬୦ ଗୋଟି ଜାଗାଘର ରହିଛି। ଏହି ଜାଗାଘର ଗୁଡ଼ିକରେ ସ୍ଥାନୀୟ ଯୁବକମାନେ ବିଭିନ୍ନ ପ୍ରକାରର ସାମରିକ ଅଭ୍ୟାସ କରିଥାନ୍ତି । ଯୁବକମାନେ ଏଠି କୁସ୍ତି କସରତ, ବ୍ୟାୟାମ, ସନ୍ତରଣ ସମେତ ଖଡ଼୍ଗ ଚାଳନା ଓ ଲାଠି ଚାଳନା ଭଳି ସାମରିକ ଅଭ୍ୟାସ କରିଥାନ୍ତି । ଜାଗାଘର ଗୁଡ଼ିକ କେବଳ ଶାରୀରିକ ଶିକ୍ଷା ବା ପ୍ରଶିକ୍ଷଣ କେନ୍ଦ୍ର ନୁହେଁ। ଏଗୁଡ଼ିକୁ ମଧ୍ୟ ପାରମ୍ପରିକ ସାଂସ୍କୃତିକ ଅନୁଷ୍ଠାନ ଭାବରେ ବିବେଚନା କରାଯାଏ, କାରଣ ଏଠି ଯୁବକମାନଙ୍କୁ ଗୋଟିପୁଅ ନୃତ୍ୟ ଏବଂ ସଂଗୀତ ଶିକ୍ଷା ଦିଆଯାଇଥାଏ । ଯୁବକମାନଙ୍କୁ ଏହି ଜାଗାଘର ଗୁଡ଼ିକ ଅନୁପ୍ରେରିତ କରିଆସିଛି। ପରମ୍ପରା ଅନୁଯାୟୀ ଜାଗାଘର ଗୁଡ଼ିକରେ ତିନୋଟି ଜିନିଷକୁ ସୁନିଶ୍ଚିତ କରାଯାଇଛି-କୁସ୍ତି-କସରତ ସ୍ଥାନ, ମନ୍ଦିର, ପୁଷ୍କରିଣୀ। ଭାରତୀୟ ଆଧାତ୍ମିକ ପରମ୍ପରାରେ ମା'ଦୁର୍ଗା ଏବଂ ପ୍ରଭୁ ହନୁମାନ ହେଉଛନ୍ତି ଶକ୍ତି, ସଂଯମ ଏବଂ ଉର୍ଜାର ପ୍ରତୀକ। ତେଣୁ ଜାଗାଘର ମାନଙ୍କରେ ମୁଖ୍ୟତଃ ଏହି ଦେବାଦେବୀ ପୂଜାପାଇଥାନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ଶୋଭିତ ପରିବେଶ ମଧ୍ୟରେ ସ୍ଥାପିତ ହୋଇଥିବା ଏହି ଜାଗାଘର ଗୁଡ଼ିକରେ ଯୁବକମାନେ ନିୟମିତ କୁସ୍ତି-କସରତ କରନ୍ତି । ତେଣୁ ସେମାନଙ୍କ ମଧ୍ୟରେ ନିବିଡ଼ ଭ୍ରାତୃତ୍ୱ ଭାବ ସୃଷ୍ଟି ହୋଇଥାଏ । ଯୁବକମାନେ ପ୍ରାତଃ ସମୟରେ ଏହି ଜାଗାଘର ଗୁଡ଼ିକରେ ଥିବା ପୁଷ୍କରିଣୀରେ ସ୍ନାନସାରି ଦେବାଦେବୀଙ୍କ ପୂଜାର୍ଚ୍ଚନାକ୍ରମେ ପରେ ବ୍ୟାୟାମ ଏବଂ କୁସ୍ତି କସରତ କରନ୍ତି । ଶରୀର ଚର୍ଚ୍ଚା ଜାଗାଘର ଗୁଡ଼ିକରେ ପ୍ରମୁଖ ଅଭ୍ୟାସ । ଏହି ଯୁବକମାନେ ମୁଖ୍ୟତଃ ଶ୍ରୀମନ୍ଦିରରେ ସେବାୟତ ଭାବେ କାର୍ଯ୍ୟକରନ୍ତି। ପୁନଶ୍ଚ ସନ୍ଧ୍ୟାରେ ସେମାନେ ଜାଗାଘରେ ଏକତ୍ରିତ ହୁଅନ୍ତି ଏବଂ ଶାରୀରିକ ବ୍ୟାୟାମ କରନ୍ତି। ସେମାନେ ପ୍ରତିଦିନ ଶରୀରକୁ ସଶକ୍ତ କରିବା ପାଇଁ ଦେହରେ ସୋରିଷ ତେଲ ମାଲିସ କରିଥାନ୍ତି । ଜାଗାଘର ଗୁଡ଼ିକୁ ବୟସ୍କଏବଂ ପିଲାମାନେ ମଧ୍ୟ ମନୋରଞ୍ଜନ ପାଇଁ ଆସନ୍ତି । ସଂକ୍ଷେପରେ ଜାଗାଘର ଗୁଡ଼ିକରେ ଜଙ୍ଗ, ସାଙ୍ଗ, ପଙ୍ଗତ ଏବଂ ସଙ୍ଗୀତ ଏକତ୍ର ଉପଲବ୍ଧ ହୋଇଥାଏ। ଲୋକମାନଙ୍କର ମୁଖ୍ୟତଃ ପୁରୀର ଯୁବକମାନଙ୍କର ମନୋରଞ୍ଜନ ପାଇଁ ଜାଗାଘର ଉତ୍କୃଷ୍ଟ ସ୍ଥାନ କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ଭକ୍ତି ସହିତ ଶକ୍ତି ଏକତ୍ର ହୋଇ ବ୍ୟକ୍ତିତ୍ୱ ନିର୍ମାଣ ହୋଇଥାଏ। ଜାଗାଘର ନାମକରଣର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ । କିଛି ଜାଗାଘର ନାଁ ସହିତ ଗଡ଼ ଜଡ଼ିତ । ଧ୍ୱଜଗଡ଼, ଲୁହାଗଡ଼, କଦମ୍ବଗଡ଼, ବଜ୍ରଗଡ଼, ଜୁବାଗଡ଼, ଜାଇଗଡ଼, ଚନ୍ଦାଗଡ଼ ଇତ୍ୟାଦି ନାମ ରହିଛି। ଗଡ଼ ଅର୍ଥ ହେଉଛି ଦୁର୍ଗ । କିଛି ଜାଗାଘର ସହିତ କୋଠ ଜଡ଼ିତ। ଯଥା-ଅର୍କକୋଠ, ଶଙ୍ଖକୋଠ, ନାଗକୋଠ, ମରିଚକୋଠ, ଯଦୁକୋଠ ଇତ୍ୟାଦି । ଅତୀତରେ ସଂଭ୍ରାନ୍ତ ଲୋକମାନେ ଜାଗାଘର ନିର୍ମାଣ ପାଇଁ ସ୍ୱେଚ୍ଛାରେ ଭୂମିଦାନ କରୁଥିଲେ । ତେଣୁ କେତେକ ଜାଗାଘରର ନାମ ସେହି ବଦାନ୍ୟ ବ୍ୟକ୍ତିମାନଙ୍କ ସ୍ମୃତିରେ ନାମିତ ହୋଇଛି । ଭଟ୍ଟଜାଗା, ଜମାଇ ଖୁଣ୍ଟିଆଜାଗା, ରାହାସ ମହାନ୍ତି ଜାଗା, ଅତଙ୍ଗ ତିଆଡ଼ି ଜାଗା ଓ ବାବୁମହାପାତ୍ର ଜାଗା ଇତ୍ୟାଦି ଏପରି ଜାଗାଘର। ଜାଗାଘର ଗୁଡ଼ିକ ପୁରୀର ବିଭିନ୍ନ ପର୍ବପର୍ବାଣି, ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଡ଼ିତ । ଚନ୍ଦନ ଯାତ୍ରା ଏବଂ ସାହି ଯାତ୍ରା ପରି ଦୁଇଟି ପ୍ରମୁଖ ଉତ୍ସବାନୁଷ୍ଠାନରେ ଜାଗାଘରର ସଦସ୍ୟମାନେ ଅଂଶଗ୍ରହଣ କରିଥାନ୍ତି । ୨୧ ଦିନ ଧରି ଅନୁଷ୍ଠିତ ହେଉଥିବା ଚନ୍ଦନ ଯାତ୍ରା ସମୟରେ ଜାଗାଘରର ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ଶ୍ରଦ୍ଧାଳୁମାନଙ୍କର ସେବାଶୁଶ୍ରୁଷା କରିଥାନ୍ତି । ମାନବ ସେବା ହିଁ ମାଧବ ସେବାରେ ସେମାନେ ବିଶ୍ୱାସୀ ରହିଥାନ୍ତି। ପୁରୀବାସୀ ଏବଂ ରାଜ୍ୟ ସରକାର ଜାଗାଘରର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ରାଜ୍ୟ ସରକାର ଶ୍ରୀମନ୍ଦିର ସମେତ ଏହିଐତିହାସିକ ସ୍ଥାନ ଗୁଡ଼ିକର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁସବୁପ୍ରକାର ବ୍ୟବସ୍ଥାକରିଛନ୍ତି । ପୁରାତନମନ୍ଦିରଗୁଡ଼ିକରମରାମତି, ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର, ଆଖଡ଼ା ସ୍ଥଳରନବୀକରଣ, ମୁକ୍ତାକାଶ ବ୍ୟାୟାମଶାଳା, ନୂତନଉଦ୍ୟାନ, ପ୍ରାଚୀରଓ ଶୌଚାଳୟ ନିର୍ମାଣ, ଆଲୋକୀକରଣ ଭଳି ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟ ରାଜ୍ୟ ସରକାର ହାତକୁ ନେଇଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଜାଗାଘର ଗୁଡ଼ିକର ଗୁରୁତ୍ୱ ଉପଲବ୍ଧି କରି ସେଗୁଡ଼ିକର ଉନ୍ନତିକରଣ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ୫-'ଟି' ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନ୍ ସେଗୁଡ଼ିକର ସର୍ବବିଧ ଅଭିବୃଦ୍ଧି ନିମନ୍ତେ ହୋଇଥିବା କାର୍ଯ୍ୟଗୁଡ଼ିକ ତଦାରଖକରି ସମୟାନୁସାରେ ସଂପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେସବୁ ଫଳବତୀ ହୋଇଥିବାରୁ ପୁରୀବାସୀ ୫-'ଟି' ଅଧ୍ୟକ୍ଷଙ୍କୁ ସକୃତଜ୍ଞ ଧନ୍ୟବାଦ ଅର୍ପଣ କରିଛନ୍ତି । ବାରବାଟି ଜାଗାଘରର ସଂପାଦକ ଶ୍ରୀ ମଦନ ମୋହନ ଖୁଣ୍ଟିଆ କହିଛନ୍ତି ଯେ 'ରାଜ୍ୟ ସରକାରଙ୍କ ପୁରୀ ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନତିକରଣ କାର୍ଯ୍ୟ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ରାଜ୍ୟ ସରକାର ମୁକ୍ତ ହସ୍ତରେ ପୁରୀର ଉନ୍ନତି କରଣ କରୁଛନ୍ତି। ପୁରୀର ସାଧାରଣ ଲୋକଟିର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ସଂକଳ୍ପ ବଦ୍ଧ ବୋଲି ସରକାରଙ୍କ ପ୍ରତ୍ୟେକଟି ପଦକ୍ଷେପରୁ ସ୍ପଷ୍ଟ ଜଣାପଡୁଛି। ଉନ୍ନତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହେଲାପରେ ଶ୍ରୀମନ୍ଦିର ସମେତ ପୁରୀର ସୌନ୍ଦର୍ଯ୍ୟ ଅନନ୍ୟ ଓ ଅନବଦ୍ୟ ବିବେଚିତ ହେବ, ଏକଥାରେ ଦ୍ୱିମତନାହିଁ। ପୁରୀ ଶ୍ରୀକ୍ଷେତ୍ର କେବଳ ଓଡ଼ିଆ ଜାତି ନୁହେଁ ବରଂ ସମସ୍ତ ଭାରତୀୟଙ୍କ ଆରାଧନାର କେନ୍ଦ୍ର ହେବ ଏବଂ ପୂର୍ବ ଭାରତର ସର୍ବୋତ୍ତମ ସହର ଭାବେ ପରିଗଣିତ ହେବ ।' ଅନୁରୂପ ଭାବରେ ଜାଗାର ସଭାପତିଶ୍ରୀ ଗୋପାଳଚନ୍ଦ୍ର ମହାସୁଆର କହିଛନ୍ତି ଯେ 'ବାରବାଟି ଜାଗାର ଆରାଧ ହେଉଛନ୍ତି ନୃସିଂହ ମହାପ୍ରଭୁ । ଅତିବଡ଼ି ଜଗନ୍ନାଥ ଦାସ ନୃସିଂହ ମହାପ୍ରଭୁଙ୍କୁ ପ୍ରଣିପାତକରି ଶ୍ରୀଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଆନ୍ତି ବୋଲି ଆମେ ପୂର୍ବପୁରୁଷମାନଙ୍କଠାରୁ ଶୁଣିଛୁ । ଏହି ଜାଗାଘରର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ବିଗତ ଦଶନ୍ଧି ମଧ୍ୟରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି । ନିୟମିତ ଶତାଧିକ ଲୋକ ଏଠାରେ ଥିବା ମୁକ୍ତାକାଶ ବ୍ୟାୟାମଶାଳା, ଉଦ୍ୟାନ, ମନ୍ଦିରକୁ ବ୍ୟାୟାମ ଏବଂ ପୂଜାର୍ଚ୍ଚନା ପାଇଁ ଆସୁଛନ୍ତି । ଏଠାରେ ଯୁବକ ମାନେ କୁସ୍ତି, କସରତ, ଶରୀରଚର୍ଚ୍ଚା ପ୍ରଶିକ୍ଷଣ ଲାଭକରି ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତି ଯୋଗିତାରେ ଅଂଶଗ୍ରହଣ କ୍ରମେ ପୁରୀ ତଥା ରାଜ୍ୟର ସୁନାମକୁ ବହୁଗୁଣିତ କରିଛନ୍ତି ।

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜାନୁଆରୀ ୨୦୨୪ ବୁଧବାର










# ଓଡ଼ିଆଙ୍କ ଅସ୍ମିତାର ପୀଠ ଅଧିକ ସୁରକ୍ଷିତ, ଆହୁରି ସଶକ୍ତ



**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

ଇତିହାସ କହେ କୋଟି କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସର ପୀଠ ଶ୍ରୀମନ୍ଦିର ଉପରେ ୧୮ଥର ଆକ୍ରମଣ ହୋଇଛି। ଏହି ସମୟରେ ବିଶ୍ୱନିୟନ୍ତା ମହାପ୍ରଭୁ ଜଗନ୍ନାଥଙ୍କୁ ରତ୍ନସିଂହାସନ ଛାଡ଼ିବାକୁ ପଡ଼ିଛି। ଆକ୍ରମଣକାରୀଙ୍କ କବଳରୁ ରକ୍ଷା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଠାକୁରଙ୍କୁ ଲୁଚାଇ ରଖାଯାଇଛି। ଏମିତି ସମୟ ଆଉ ନ ଆସୁ। ଆମ ବଡ଼ଦେଉଳ ଉପରେ ଆକ୍ରମଣ ନୁହେଁ, ଇଟା ପଥର ଖଣ୍ଡିଏ ବି କେହି ପକାଇବାକୁ ସାହସ ନ କରନ୍ତୁ। ଚିରଦିନ ଏମିତି ଉଦ୍‌ଭାସିତ ହେଉଥାଉ। ଶ୍ରୀମନ୍ଦିର ଏବଂ ରତ୍ନସିଂହାସନରେ ବସି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଉପରେ ଆଶିଷ ଢାଳି ଦେଉଥାନ୍ତୁ ଭାବର ଠାକୁର। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ କାହିଁକି କେଜାଣି ସେଦିନ ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରିୟ ନବୀନ ପଟ୍ଟନାୟକଙ୍କ ମନ ଆନ୍ଦୋଳିତ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇ ଶ୍ରୀମନ୍ଦିର ନିକଟରେ ଛିଡ଼ା ହୋଇଥିବା ବେଳେ ବଡ଼ଦେଉଳର ସୁରକ୍ଷାକୁ ନେଇ ମନରେ ଆଶଙ୍କା ଭରିଥିଲା। ସେହିଠାରେ ହିଁ ନିଜ ମନରେ ଆଙ୍କିଥିଲେ ନକ୍ସା, ଯାହାକି ଆଜି ବାସ୍ତବତାର ରୂପ ନେଇଛି। ପରିକ୍ରମା ପ୍ରକଳ୍ପ ଦ୍ୱାରା ଆହୁରି ଶକ୍ତ ହୋଇଛି ଆମ ଶ୍ରୀମନ୍ଦିରର ସୁରକ୍ଷା।

ଇତିହାସକୁ ଅବଲୋକନ କଲେ ଜଣାପଡ଼େ, ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ ହୋଇଥିଲା। କଳାପାହାଡ଼, ତକୀ ଖାଁ, ରକ୍ତବାହୁ, ହୁସେନ୍ ଶାହା, ମିର୍ଜା ଖୁରୁମ୍, କଲ୍ୟାଣ ମଲ୍ଲ, ମକରମ୍ ଖାଁ, ଅହମ୍ମଦ ବେଗ୍ ଖାଁ, ଏକରାମ୍ ଖାଁ, ମସ୍ତରାମ ଖାଁ ଏମିତି ଅନେକ ବିଧର୍ମୀ ଓଡ଼ିଆ ଜାତିର ବିଶ୍ୱାସ ଓ ଅସ୍ମିତାର ପୀଠ ଉପରେ ବାରମ୍ବାର ଆକ୍ରମଣ କରିଛନ୍ତି। ହେଲେ ଆକ୍ରମଣ ପୂର୍ବରୁ ମହାପ୍ରଭୁଙ୍କୁ ସୁରକ୍ଷା ଦେଇଛନ୍ତି ସେବାୟତ, ମଠାଧୀଶ, ରାଜ କର୍ମଚାରୀଙ୍କ ସମେତ ଶ୍ରୀକ୍ଷେତ୍ରବାସୀ। ଏଥିପାଇଁ ଅନେକଙ୍କୁ ଜୀବନ ଉତ୍ସର୍ଗ କରିବାକୁ ପଡ଼ିଛି। ଏହି ଆକ୍ରମଣ ସମୟରେ ଦାରୁବିଗ୍ରହଙ୍କୁ ରତ୍ନସିଂହାସନରୁ ବାହାରକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ, ପୁରୀ, ସୋନପୁର, ଏପରିକି ଚିଲିକାରେ ଯାଇ ଲୀଳା କରିଛନ୍ତି ଲୀଳାମୟ। ଚିଲିକାର ଗୁରୁବାଇଗଡ଼, ବାଣପୁରର ନଈରୀ ଏମିତି ଅନେକ ସ୍ଥାନରେ ନେଇ ଠାକୁରଙ୍କୁ ଲୁଚାଇ ରଖାଯାଇଛି। ପୁରୁଣା ପୃଷ୍ଠାକୁ ଘାଣ୍ଟିବାର ଉଦ୍ଦେଶ୍ୟ ହେଉଛି କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ସ୍ୱାଭିମାନର ପ୍ରତୀକ 'ବଡ଼ଦେଉଳ' ଉପରେ ସର୍ବଦା ଆକ୍ରମଣର ଭୟ ରହି ଆସିଛି। ସେ ରାଜାରାଜୁଡ଼ା ଶାସନ ସମୟର କଥା ହେଉ ବା ଏବେର; ଶ୍ରୀମନ୍ଦିରକୁ ସୁରକ୍ଷାକୁ ନେଇ ବିପଦ ଥିବା ଗୁଇନ୍ଦା ବିଭାଗ ବି ବିଗତ କିଛିବର୍ଷ ହେବ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଉଛି। ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ରହିଛି ଶ୍ରୀମନ୍ଦିର। ଏଥିପାଇଁ ଗତ ୮/୧୦ ବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି। ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ପାଇଁ ଏନ୍‌ଏସ୍‌ଜି ମଧ୍ୟ ବିଭିନ୍ନ ସମୟରେ ସରକାରଙ୍କୁ ସୂଚାଇ ଆସୁଛି। ପୁରୀ ସହର ସମୁଦ୍ର କୂଳରେ ଅବସ୍ଥିତ। ତେଣୁ ଜଳପଥରେ ବି ଭୟ ରହିଛି, ଯେଉଁଥିପାଇଁ ତଟ ସୁରକ୍ଷାକୁ ବି ବଢ଼ାଯାଇଛି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୮/୧୦ ବର୍ଷ ପୂର୍ବରୁ ଶ୍ରୀମନ୍ଦିରକୁ ଯେତେ ସଂଖ୍ୟାରେ ଭକ୍ତ ଆସୁଥିଲେ, ଏବେ କାହିଁ କେତେଗୁଣା ବଢ଼ିଯାଇଛି। ୫/୭ ବର୍ଷ ପୂର୍ବର ରେକର୍ଡ ଦେଖିଲେ ପ୍ରତିଦିନ ସାଧାରଣ ଦିନରେ ୩୦/୪୦ ହଜାର ଶ୍ରଦ୍ଧାଳୁ ମନ୍ଦିର ଆସୁଥିଲେ । ହେଲେ କିଛିବର୍ଷ ହେବ ସାଧାରଣ ଦିନରେ ଭକ୍ତଙ୍କ ସଂଖ୍ୟା ଲକ୍ଷେ ଛୁଇଁଯାଉଛି । ପର୍ବପର୍ବାଣି ଦିନ କଥା ଛାଡନ୍ତୁ, ବଡ଼ଦାଣ୍ଡରେ ଦିନେ ଦିନେ ଗୋଡ଼ ପକାଇବାକୁ ବି ଜାଗା ମିଳୁନି । ତେଣୁ ଗୋଟିଏପଟେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ଏବଂ ଅନ୍ୟପଟେ ଶ୍ରୀମନ୍ଦିର ସୁରକ୍ଷା ପରିକ୍ରମା ପ୍ରକଳ୍ପ ପରିକଳ୍ପନା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକପ୍ରକାର ବାଧ୍ୟ କରିଥିଲା। ସେଦିନର ସେହି ପରିକଳ୍ପନା ଆଜି ବାସ୍ତବତାର ରୂପ ନେଇଛି । ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯେ, ଆହୁରି ସୁଦୃଢ଼ ଏବଂ ସଶକ୍ତ ହୋଇପାରିଛି ଯେ କେହି ପରିକ୍ରମା ପ୍ରକଳ୍ପ ଦେଖିବେ ସେ ନିଃସନ୍ଦେହରେ ଏହା କହିପାରିବେ।

ପୂର୍ବରୁ ସ୍ଥିତି ଏମିତି ଥିଲା ଯେ ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରେ ଚାଲିଚାଲି ଯିବା କଷ୍ଟକର ହୋଇପଡୁଥିଲା। ଗହଳି ଏମିତି ହେଉଥିଲା ଯେ କେହି ଚାହିଁଲେ ମନରେ ଥିବା ମନ୍ଦ ଉଦ୍ଦେଶ୍ୟକୁ ସଫଳ କରିବାରେ କିଛି ଅସୁବିଧା ସମ୍ମୁଖୀନ ହୋଇ ନ ଥାନ୍ତେ। ହେଲେ ପରିକ୍ରମା ପ୍ରକଳ୍ପ ଫଳରେ ଏବେ ଆଉ ସେଭଳି ସ୍ଥିତି ନାହିଁ। ମେଘନାଦ ପାଚେରୀ କଡ଼ରୁ ୭୫ ମିଟର ପରିଧି ଏବେ ସମ୍ପୂର୍ଣ୍ଣ ସୁରକ୍ଷା କରିଡର ଭଳି କାମ କରୁଛି। ୫୫ମିଟର ୨୪ଘଣ୍ଟିଆ ସୁରକ୍ଷାବଳୟରେ ରହୁଛି। ପ୍ରକଳ୍ପ ଭିତରେ ୯ଟି ସ୍ଲାଇଡିଂ ଡୋର ଲଗାଯାଇଛି। ଏଠାରେ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ନିୟୋଜିତ ରହିବେ। ଏତଦ୍‌ବ୍ୟତୀତ ରାଜ୍ୟ ସରକାର ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀକୁ ଅନୁମୋଦନ କରିଛନ୍ତି। ଏଥିରେ ୧,୧୯୦ଜଣ ସୁରକ୍ଷାକର୍ମୀ ନିୟୋଜିତ ହେବେ। ଫଳରେ ଆହୁରି ସୁଦୃଢ଼ ହେବ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା। ଶୃଙ୍ଖଳିତ ଭାବେ ଦାରୁଦିଅଁଙ୍କୁ ଦର୍ଶନ କରିପାରିବେ ଭକ୍ତ। ଏହି ସୁରକ୍ଷାବାହିନୀ ମନ୍ଦିର ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାର ଦାୟିତ୍ୱ ସମ୍ଭାଳିବେ। ସମସ୍ତଙ୍କ ସହ ଆଲୋଚନା ପରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦେଇଥିବା ମତାମତକୁ ଭିତ୍ତି କରି ଏକ ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ। ଏହି ସ୍ୱତନ୍ତ୍ର ବାଟାଲିୟନ ପୁରୀ ଏସ୍‌ପିଙ୍କ ଅଧୀନରେ କାମ କରିବେ। ତେଣୁ ପରିକ୍ରମା ପ୍ରକଳ୍ପକୁ ବାସ୍ତବତାର ରୂପ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିଛନ୍ତି।

ରାତି ପାହିଲେ ସୂର୍ଯ୍ୟୋଦୟ। ଝଲସୁଛି ଶ୍ରୀକ୍ଷେତ୍ର, ଦୁଲୁକୁଛି ବଡ଼ ଦାଣ୍ଡ। ବଡ଼ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ, ଆଦେଶରେ, ଆଶୀର୍ବାଦରେ ସବୁ କାମ ହୋଇଗଲା। କୋଟି କୋଟି ଭକ୍ତ-ଶ୍ରଦ୍ଧାଳୁ, ଜଗନ୍ନାଥପ୍ରେମୀ ଆଖିପୁରେଇ ଦେଖିପାରିବେ ଆଉ ଦିବ୍ୟ ଅନୁଭବ-ଅନୁଭୂତି ସାଉଁଟିବେ। ଶୁଦ୍ଧ ଅନ୍ତଃକରଣରେ ଠାକୁରଙ୍କୁ ଦର୍ଶନ କରିପାରିବେ। ଆଜି ପର୍ଯ୍ୟନ୍ତ ଯାହା ସବୁ ହୋଇପାରିନଥିଲା କି କୌଣସି ବି' ସରକାର ଠାକୁରଙ୍କର ପାଇଁ ଯେଉଁ ସବୁ କାର୍ଯ୍ୟକ୍ରମ କରିପାରିନଥିଲେ କି କରିବା ପାଇଁ ସାହସ ଜୁଟାଇପାରିନଥିଲେ ତାହା ଆଜି ସମ୍ଭବ ଆଉ ସାକାର ହୋଇପାରିଛି। ନବୀନ ପଟ୍ଟନାୟକ ସରକାର ମହାପ୍ରଭୁ ଓ ଶ୍ରୀମନ୍ଦିର ପାଇଁ ଏବଂ ତାଙ୍କ ଉଦ୍ଦେଶ୍ୟରେ ସେଇ ସବୁ କାମ ସଫଳତାର ସହ କରିପାରିଛନ୍ତି। କାହିଁକି ନା' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜଣେ ପରମ ଭକ୍ତ। ତାଙ୍କର ବଡ଼ ଠାକୁରଙ୍କ ପ୍ରତି ରହିଥିବା ଦୃଷ୍ଟିକୋଣ, ପ୍ରଗାଢ ଭକ୍ତି ଓ ସମର୍ପଣ ଭାବ ହିଁ ତାଙ୍କୁ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ସ୍ୱପ୍ନ ଦେଖାଇଥିଲା ଏବଂ ତାହାକୁ ପୂରଣ କରିବା ଲାଗି ଉଦ୍‌ବୁଦ୍ଧ କରିଥିଲା ଓ ପ୍ରେରଣା ଯୋଗାଇଥିଲା। ଏକଦା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଏବଂ ଏବେର ୫-ଟି ତଥା ନବୀନ ଓଡ଼ିଶା'ର ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱପ୍ନର ପ୍ରକଳ୍ପକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ଲାଗି ଦିନ ରାତି ଏକ କରି ଯେଉଁ ଅକ୍ଳାନ୍ତ ଉଦ୍ୟମ କଲେ ସେଥିଯୋଗୁଁ ଏହି ମହନୀୟ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମାରେ ଶେଷ ହୋଇପାରିଲା। ଏହି ମହନୀୟ କାର୍ଯ୍ୟରେ ଲାଗିପଡିଥିଲେ ସମସ୍ତେ। ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ମୁଖ୍ୟ ପ୍ରଶାସକଙ୍କ ଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନ ପର୍ଯ୍ୟନ୍ତ, ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟ ଶାସନ ସଚିବ, ଏସ୍‌ପିଙ୍କ ଠାରୁ ପୋଲିସ ମହାନିର୍ଦ୍ଦେଶକ, ଶିଳ୍ପୀ-କାରିଗରଙ୍କ ଠାରୁ ଶ୍ରେଷ୍ଠ ସ୍ଥପତିଙ୍କ ପର୍ଯ୍ୟନ୍ତ, ଭକ୍ତ-ସେବାୟତଙ୍କ ଠାରୁ ସ୍ଥାନୀୟ ବାସିନ୍ଦା, ଓଡ଼ିଶା ଭାରତ ବର୍ଷ ସମେତ ସମଗ୍ର ବିଶ୍ୱବାସୀଙ୍କ ପର୍ଯ୍ୟନ୍ତ। ପ୍ରକଳ୍ପ ମୁଣ୍ଡିମାରିବାରେ ସମସ୍ତଙ୍କର ସହଯୋଗ, ଯୋଗଦାନ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କେହି ଅସ୍ୱୀକାର ବା ଅଣଦେଖା କରିପାରିବେ ନାହିଁ। ଶ୍ରୀକ୍ଷେତ୍ର ଏବେ ନୂଆ ରୂପରେ ଆତ୍ମପ୍ରକାଶ କରୁଥିବାରୁ ଅଗଣିତ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଭକ୍ତଗଣଙ୍କର ଖୁସି କହିଲେ ନ ସରେ। ଏବେ ଏସବୁର ସମସ୍ତ ଶ୍ରେୟ ନବୀନ ପଟ୍ଟନାୟକ ସରକାରଙ୍କର ବୋଲି ସବୁ ମହଲରେ ଚର୍ଚ୍ଚା ହେବା ସହ ଏହାକୁ ସ୍ୱାଗତ ମଧ୍ୟ କରାଯାଉଛି।

## ଯଜ୍ଞ-ଅଙ୍କୁରୋଦ୍‌ଗମ ଦେଲା ଶୁଭ ସୂଚନା : ଉଦୟନାଥ ମହାପାତ୍ର

### ପ୍ରଦକ୍ଷଣରେ ଜନ୍ମଜନ୍ମାନ୍ତର ପାପ କ୍ଷୟ ହୁଏ



ଯଜ୍ଞ ବେଳେ ମେଘର ଆଗମନ ଶୁଭ ସଙ୍କେତ ଦେଇଛି। ଯଜ୍ଞସ୍ଥଳରେ ଅଙ୍କୁରାରୋପଣ ପରେ ଅଙ୍କୁରୋଦଗମ (ବୀଜରୁ ଗଜା ବାହାରିବା) କାର୍ଯ୍ୟକ୍ରମ ସଫଳ ହେବା ସୂଚନା ଦେଇସାରିଛି। ଆଉ ମାତ୍ର କେଇଟି ମୁହୂର୍ତ୍ତର ଅପେକ୍ଷା। ମହାପ୍ରଭୁଙ୍କ ବହୁ ପ୍ରତିକ୍ଷୀତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପର୍ବ ପୂର୍ବରୁ ଏଭଳି ଶୁଭ ସାଙ୍କେତିକ ପରିଭାଷାକୁ ବୟାନ କରିବା ବେଳେ ପ୍ରଗଳ୍ଭ ହୋଇଛନ୍ତି ସ୍ୱୟଂ ପଣ୍ଡିତଗଣ।

ପଣ୍ଡିତ ଉଦୟନାଥ ମହାପାତ୍ର କହିଛନ୍ତି, ଯଜ୍ଞ ହେଲେ ବର୍ଷା ହୁଏ। ଇନ୍ଦ୍ର ଯତକିଞ୍ଚିତ ବୃଷ୍ଟି କରି ଯଜ୍ଞର ସଫଳତାକୁ ବ୍ୟକ୍ତ କରିଛନ୍ତି। ଆମେ ଯେଉଁ କାରଣ ପାଇଁ ଯଜ୍ଞ କରୁଛୁ ତାହା ସଫଳ ହେଲା ବୋଲି ସଙ୍କେତ ମିଳିଯାଇଛି। ଖାଲି ସେତିକି ନୁହେଁ ଅଙ୍କୁରୋଦଗମ ହୋଇ ବୀଜରୁ ଗଜା ବାହାରିବା ମଧ୍ୟ ଯଜ୍ଞର ଶୁଭ ସୂଚନା। ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ପୂଜା କରି ଅଙ୍କୁରାରୋପଣ ହୋଇଥିଲା। ତେଣୁ ଅଙ୍କୁରୋଦ ହେବା ଅର୍ଥାତ ବୀଜରୁ ଗଜା ବାହାରିବା ଅର୍ଥ ଦେବତାମାନେ ସନ୍ତୁଷ୍ଟ ହୋଇଛନ୍ତି। ତେଣୁ ଆମ ଯଜ୍ଞ ସଫଳ ହୋଇଛି। ମହାପ୍ରଭୁଙ୍କ ଆଶିଷରୁ ଏ ସମସ୍ତ ଶୁଭ ଲକ୍ଷଣ ଦେଖିବାକୁ ପାଉଛୁ। ଏହି ଯଜ୍ଞ ଲୋକାର୍ପଣ ସହିତ ଜଗତର କଲ୍ୟାଣ ପାଇଁ କରାଯାଉଛି। ବିଭିନ୍ନ ମନ୍ତ୍ରର ଅର୍ଥକୁ ଅବଲୋକନ କରି ସେ କହିଛନ୍ତି, ମନ୍ତ୍ରରେ ବାୟୁମଣ୍ଡଳ ମଧୁମୟ ହେବା କଥା କୁହାଯାଇଛି। ସମୁଦ୍ରରୁ ଜଳ ଶୋଷି ହୋଇ ଯାଉଥିଲେ ହେଁ ଅମ୍ଳ ବୃଷ୍ଟି ନହୋଇ ମଧୁ ବୃଷ୍ଟି ହେବାକୁ ଉଚ୍ଚାରଣ କରାଯାଉଛି। ଔଷଧଗୁଡ଼ିକ ଅମୃତମୟ ହେଉ, ମାଟି କ୍ଷାର ନହୋଇ ଅମୃତ ହେଉ ବୋଲି ବୈଦିକ ମନ୍ତ୍ରରେ କୁହାଯାଇଛି। ବ୍ରହ୍ମାଣ୍ଡର ଜୀବ ଜଗତ, ଅନ୍ତରୀକ୍ଷ, ଭୂଲୋକ, ସ୍ୱର୍ଗଲୋକର କଲ୍ୟାଣ ପାଇଁ ମନ୍ତ୍ର ଉଚ୍ଚାରିତ ହେଉଛି ବୋଲି ସେ କହିଛନ୍ତି। ଶ୍ରୀ ମହାପାତ୍ରଙ୍କ କହିବା ଅନୁଯାୟୀ ଯେବେ ମହାପ୍ରଭୁଙ୍କ ପ୍ରଧାନ ସେବକ ଗଜପତି ରାଜଗୁରୁ ସୁଧାଂଶୁ ରାଜଗୁରୁ ଓ ଦେବୀ ରାଜଗୁରୁଙ୍କୁ ବରଣ କଲେ ଏବଂ ରାଜଗୁରୁଙ୍କ ଦ୍ୱାରା ଆମେ ବରଣ ହେଲୁ ସେତେବେଳେ ଜଗତ କଲ୍ୟାଣ ହିଁ ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହାବ୍ୟତୀତ ସୂର୍ଯ୍ୟ ହେଉଛନ୍ତି ଶିବ, ବିଷ୍ଣୁ ଓ ଶକ୍ତି। ଶକ୍ତିଙ୍କୁ ଆବାହନ କରି ଯଜ୍ଞ ଆରମ୍ଭ କରିବାର ବିଧି ଦୃଷ୍ଟିରୁ ମୁରୁଜରେ ସୂର୍ଯ୍ୟ ଦେବତାଙ୍କୁ ଅଙ୍କନ କରାଯାଇ ଆବାହନ ପରେ ଯଜ୍ଞ କରାଯାଉଛି। ପ୍ରାତଃ ସୂର୍ଯ୍ୟ ଶକ୍ତି ଦାୟକ ହୋଇଥିବାରୁ ସକଳ ଶକ୍ତିର ଆଧାରଙ୍କୁ ମଧ୍ୟ ଯଜ୍ଞକୁ ଆବାହନ କରାଯାଇଛି।

## ପ୍ରଦକ୍ଷଣର ମହତ୍ତ୍ୱ କ'ଣ ?



ପୁରାଣ ଶାସ୍ତ୍ରୋକ୍ତି ଅନୁଯାୟୀ, ମନ୍ଦିର ପ୍ରଦକ୍ଷଣରେ ଜନ୍ମ ଜନ୍ମାନ୍ତରର ପାପ କ୍ଷୟ ହୁଏ। କେଉଁ ଠାକୁରଙ୍କୁ କେତେ ଥର ପ୍ରଦକ୍ଷଣ କରିବେ ସେନେଇ ମଧ୍ୟ ସ୍ୱତନ୍ତ୍ର ବିଧି ବିଧାନ ରହିଛି। ଚଣ୍ଡୀ ଅର୍ଥାତ ମା'ଦୁର୍ଗା ଚତୁଃପାର୍ଶ୍ୱରେ ଥରେ, ସୂର୍ଯ୍ୟଙ୍କ ଚାରି ପାଖରେ ସାତ ଥର, ବିନାୟକ ତଥା ପ୍ରଥମ ପୂଜ୍ୟ ଗଣେଶଙ୍କ ଚତୁଃପାର୍ଶ୍ୱରେ ତିନି ଥର, ଶିବଙ୍କୁ ଅର୍ଦ୍ଧ ପ୍ରଦକ୍ଷଣ ଅର୍ଥାତ ଅଧା ପ୍ରଦକ୍ଷଣ କରି ପୁଣି ପାର୍ବତୀଙ୍କ ନିକଟରୁ ପୂର୍ବ ସ୍ଥାନକୁ ଫେରିଆସିବା ଏବଂ ଶ୍ରୀବିଷ୍ଣୁଙ୍କୁ ଚାରିଥର ପ୍ରଦକ୍ଷଣ କରିବା ଶାସ୍ତ୍ର ଆଧାରିତ ବୋଲି କହିଛନ୍ତି ପଣ୍ଡିତ ଉଦୟନାଥ ମହାପାତ୍ର। ଶ୍ରୀ ମହାପାତ୍ରଙ୍କ କହିବା ମୁତାବକ, 'ଯାନି କାନିଚ ପାପାନୀ ଜନ୍ମାନ୍ତର କୃତାନିଚ୍ୟ'- ଅର୍ଥାତ ପ୍ରଦକ୍ଷଣ ମନ୍ଦିର ଚାରି ପାଖରେ ପ୍ରଭୁଙ୍କ ନାମ ତୁଣ୍ଡରେ ଧରି ପ୍ରଦକ୍ଷଣ କଲେ ପ୍ରଭୁଙ୍କ ଆଶୀର୍ବାଦ ଲାଭ ଏବଂ ଜନ୍ମ ଜନ୍ମ ଧରି ଜାଣତ ବା ଅଜାଣତରେ କରିଥିବା ପାପ ମୋଚନ ହୁଏ ବୋଲି ସେ କହିଛନ୍ତି।

## ଶ୍ରୀକ୍ଷେତ୍ରର ଶ୍ରୀବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସମର୍ପିତ

# ପରିକ୍ରମା ପ୍ରକଳ୍ପ ଭକ୍ତ ଓ ଭଗବାନଙ୍କ ଭିତରେ ଦୂରତ୍ୱ ହ୍ରାସ କରିଛି

ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ସମର୍ପିତ ରାଜ୍ୟ ସରକାର ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ଏବଂ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ସହ ବିଶ୍ୱଦରବାରରେ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ନିମିତ୍ତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସୁଦୂରପ୍ରସାରୀ ଚିନ୍ତା ଓ ଚେତନାର ଫଳ ସ୍ୱରୂପ ଭକ୍ତଙ୍କ ସୁବିଧା ଲାଗି ଏହି ବହୁ ଆକାଂକ୍ଷିତ ପ୍ରକଳ୍ପ ଲୋକାର୍ପିତ ହେଉଛି । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପୂର୍ବରୁ ରହି ଆସୁଥିବା ଦୂରତ୍ୱ ଓ ଅବ୍ୟବସ୍ଥା କାରଣରୁ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକର ନିରାକରଣ ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ୫– 'ଟି' ଅଧ୍ୟକ୍ଷ ଶ୍ରୀ ଭି. କେ. ପାଣ୍ଡିଆନଙ୍କ ଶ୍ରୀ ଜଗନ୍ନାଥଙ୍କ ଉପରେ ଅମାପ ଭକ୍ତି, ଦୃଢ଼ ଇଚ୍ଛାଶକ୍ତି ଓ ସମୟାନୁସାରେ ପରାମର୍ଶ ଯୋଗୁ ପରିକ୍ରମା ପ୍ରକଳ୍ପ ସ୍ୱପ୍ନରୁ ବାସ୍ତବରେ ରୂପାନ୍ତରିତ ହୋଇଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ବିଭିନ୍ନ ମହଲରୁ ମିଳିଥିବା ମତାମତକୁ ବିଚାର କଲେ ଜଣାପଡ଼େ ଯେ ଏହି ପ୍ରକଳ୍ପ ଜନକଲ୍ୟାଣକାରୀ, ପ୍ରଭୁଙ୍କ ଆଶୀର୍ବାଦପ୍ରାପ୍ତି ଏବଂ ସୁଦୂରପ୍ରସାରୀ ଲକ୍ଷ୍ୟ ପୂରଣ ନିମନ୍ତେ ଉଦ୍ଦିଷ୍ଟ ।



**୧. ବଳରାମ ମିଶ୍ର, ପୁରୀ (ପିଣ୍ଡ ଦାନ କରୁଥିବା ପୁରୋହିତ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ । ଏହାଦ୍ୱାରା ଭକ୍ତମାନେ ପୂର୍ବଭଳି ଆଉ ଅସୁବିଧାର ସମ୍ମୁଖୀନ ନହୋଇ ସୁବିଧାରେ ଯାତାୟାତ କରି ପାରୁଛନ୍ତି । ଭକ୍ତ ଓ ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହିତ ମହାପ୍ରଭୁଙ୍କ ଦର୍ଶନ କରି ପାରୁଛନ୍ତି। ବୟସ୍କ ଏବଂ ଭିନ୍ନକ୍ଷମ ଭକ୍ତମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପରିକ୍ରମା ପ୍ରକଳ୍ପ ସହ ପୁରୀ ସହରରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପୁରୀ ବିଶ୍ୱ ମାନଚିତ୍ରରେ ଏକ ଅଗ୍ରଣୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନସ୍ଥଳୀର ପରିଚିତି ଅର୍ଜନ କରିବ।

**୨. ମଧୁସୂଦନ ବେହେରା (ଚଣ୍ଡୀଖୋଲ)**

ଗୀତା କି ଭାଗବତ ପାଠ କଲେ ମନୁଷ୍ୟ ପ୍ରତିଦିନ କିଛି ନୂତନ ଜ୍ଞାନ ଆହରଣ କରିଥାଏ । ଠିକ ସେହିଭଳି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କଲେ ପ୍ରତିଥର ନୂତନ ଦିବ୍ୟ ଅନୁଭୂତି ପ୍ରାପ୍ତ ହୁଏ ତଥା ଶରୀର ଓ ଆତ୍ମାରେ ଅପୂର୍ବ ଆନନ୍ଦ ଭରି ଯାଏ । ମୁଁ ମହାପ୍ରଭୁଙ୍କ ଦର୍ଶନ ପାଇଁ ମାସକୁ ଦୁଇଥର ପୁରୀ ଆସେ । ଯଦି କୌଣସି କାରଣବଶତଃ ଆସି ନପାରିଲି ତେବେ ମନ ଉଦ୍‌ବିଗ୍ନ ହୋଇଥାଏ । ଆଗରୁ ମନ୍ଦିର ଚାରିପାଖେ ବୁଲି ହେଉନଥିଲା, କିନ୍ତୁ ରାଜ୍ୟ ସରକାର ମନ୍ଦିର ଚାରିପାଖ ବେଢ଼ାକୁ ଏତେ ସୁନ୍ଦର ଭାବେ ଗଢି ତୋଳିଛନ୍ତି ଦେଖି ବହୁତ ଖୁସି ଲାଗିଲା ଓ ବୁଲିବା ସହଜ ବୋଲି ଜଣା ପଡ଼ିଲା । ମୁଁ ସେହି ପରିକ୍ରମା ବେଢାରେ ଥରେ ବୁଲି ଆସି ବହୁତ ଖୁସି ଅନୁଭବ କରୁଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି।

**୩. କମଳିନୀ ସାହୁ (ବାରିପଦା)**

ଯଜ୍ଞ- ଆହୁତି, ନାମ- ସଂକୀର୍ତ୍ତନ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରମୁଖ ଅଂଶବିଶେଷ। ପରିକ୍ରମା ପ୍ରକଳ୍ପ ଯୋଗୁଁ ଏଥିପାଇଁ ପ୍ରଶସ୍ତ ଜାଗା ମିଳିଥିବାରୁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ଆନନ୍ଦରେ ନାମ ସଂକୀର୍ତ୍ତନ କରି ପାରୁଛନ୍ତି । ଭିଡ଼ ଯୋଗୁଁ ମହାପ୍ରଭୁଙ୍କୁ ଦର୍ଶନ କରି ନପାରିବାର ଯେଉଁ ଦୁଃଖ ଥିଲା ତାହା ମନ୍ଦିର ଚତୁଃପାର୍ଶ୍ୱରେ ପ୍ରଦକ୍ଷଣ କଲା ପରେ ଦୂର ହୋଇପାରିଛି । ଏହା କେବଳ ସମ୍ଭବ ହେଇପାରିଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଗୁଁ ।

**୪. ଯୋଗେଶ ପାଠକ, ଆଗ୍ରା (ଉତ୍ତରପ୍ରଦେଶ)**

ବିଗତବର୍ଷମାନଙ୍କରେ ମୁଁ ପୁରୀ ଶ୍ରୀମନ୍ଦିର ବୁଲି ଆସିଛି, କିନ୍ତୁ ଏବର୍ଷ ବହୁତ ଭଲ ଲାଗୁଛି । ଲୋକଙ୍କ ଭିଡ଼ ଅଛି କିନ୍ତୁ ବ୍ୟବସ୍ଥାରେ ଏତେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆସିଛି ଯେ ସବୁ କାମ ଭଲରେ ହୋଇପାରୁଛି । ଆଗରୁ ମନ୍ଦିର ଚାରିପାଖ ଦୋକାନ ଘର ଥିବା କାରଣରୁ କେବେ ମନ୍ଦିର ଚାରିପାଖ ବୁଲି ପାରିହେଉନଥିଲା । କିନ୍ତୁ ଏବେ ଏହା ସମ୍ଭବ ହେଇପାରିଛି । ଆମ ଭଳି ଭକ୍ତମାନଙ୍କୁ ଏଭଳି ସୁଖଦ ଅନୁଭୂତି ଦେଇଥିବାରୁ ରାଜ୍ୟ ସରକାରଙ୍କୁ ମୁଁ ସାଧୁବାଦ ଜଣାଉଛି ।

**୫. ଲକ୍ଷ୍ମୀ ଦେବୀ ଅଗ୍ରୱାଲ, ଖେରୀ (ଉତ୍ତରପ୍ରଦେଶ )**

ପୂର୍ବରୁ ଦୁଇଥର ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ପାଇଁ ପୁରୀ ଆସିଥିଲି । କୌଣସିଥର ମହାପ୍ରଭୁଙ୍କ ଦର୍ଶନ ହୋଇପାରିନଥିଲା । ସେଥିପାଇଁ ମୋ ମନ ଦୁଃଖରେ ଭାରାକ୍ରାନ୍ତ ଥିଲା ଓ ମତେ କିଛି ଭଲ ଲାଗୁନଥିଲା । ମୁଁ ପୂର୍ବରୁ ଭକ୍ତ ସାଲବେଗ ଓ ଦାସିଆ ବାଉରୀଙ୍କ କଥା ଶୁଣିଥିଲି । ତେଣୁ ମନରେ ବିଶ୍ୱାସ ଥିଲା ସେ ମହାପ୍ରଭୁ ନିଶ୍ଚୟ ମତେ କୃପା କରିବେ ଆଉ ମୁଁ ତାଙ୍କ ଦର୍ଶନ ଲାଭ କରିପାରିବି। ଦୁଇ ଜଣ ପୋଲିସ ଭାଇ ଆସି ମୋତେ ଠାକୁର ଦର୍ଶନ କରେଇଦେଲେ। ସତରେ ମହାପ୍ରଭୁଙ୍କ କରୁଣା ଅପାର, ତାଙ୍କୁ କୋଟି ଦଣ୍ଡବତ । ତା'ନହେଲେ ତାଙ୍କ ନିର୍ଦ୍ଦେଶରେ ଦୁଇ ଜଣ ଭାଇ ଆସି ମୋତେ ଏପରି ଦିବ୍ୟ ଅନୁଭବର ସ୍ୱାଦ ଦେଇନଥାନ୍ତେ।

**୬. ପ୍ରଣତି ପାତ୍ର (କଟକ)**

ଦେଶର ବିଭିନ୍ନ ମନ୍ଦିର ଯାଇ ସେଠାରେ ପୂଜା ପାଉଥିବା ଦେବାଦେବୀଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିଛି । ମୁଖ୍ୟତଃ ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକ ସ୍ୱଚ୍ଛତା ପ୍ରତି ବେଶ ଯତ୍ନବାନ ଥିବା ହେତୁ ସେଗୁଡ଼ିକର ଆଧ୍ୟାତ୍ମିକ ପରିବେଶ ଅତ୍ୟନ୍ତ ମୁଗ୍ଧକର ଓ ଚିତ୍ତାକର୍ଷକ । ପରିଚ୍ଛନ୍ନତା ମନ୍ଦିର ଦର୍ଶନର ଗୋଟିଏ ବଡ଼ ଅଙ୍ଗ । ଦକ୍ଷିଣ ଭାରତରେ କୌଣସି ପୂଜାପୀଠରେ ଠାକୁରଙ୍କୁ ଦର୍ଶନ କରିବା ସମୟରେ ମୋ ମନରେ ଓଡ଼ିଶାରେ ଶ୍ରୀମନ୍ଦିରରେ ଏପରି କଅଣ ସମ୍ଭବ ହେବ ନାହିଁ ବୋଲି ପ୍ରଶ୍ନ ଉଠୁଥିଲା । ଅସମ୍ଭବକୁ ସମ୍ଭବ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି' ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ମୁଁ ଗଭୀର କୃତଜ୍ଞତା ଜଣାଉଛି । ବିଭିନ୍ନ ସମସ୍ୟାକୁ ମର୍ମେ ମର୍ମେ ହୃଦୟଙ୍ଗମ ପୂର୍ବକ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ କରି ଉଭୟ ମୁଖ୍ୟମନ୍ତ୍ରୀ ଓ ଶ୍ରୀ ପାଣ୍ଡିଆନ ଆମ ମାନଙ୍କର, ବିଶେଷ କରି ମହିଳା ଭକ୍ତମାନଙ୍କର ବଡ ଉପକାର କରିଛନ୍ତି।

**୭. ଶ୍ରୀଦୀପନ ରାଜସ୍ୱୀ (ନେପାଳ)**

ନେପାଳରେ ପ୍ରଭୁ ଜଗନ୍ନାଥଙ୍କୁ ସମସ୍ତେ ବହୁତ ଭକ୍ତି କରନ୍ତି । ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ମଣିଷକୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି । ମୋ ଜେଜେବାପା ଓ ବାପା ଜଗନ୍ନାଥଙ୍କ ଦର୍ଶନ କରିଥିଲେ, ସେମାନେ ଆଉ ନାହାନ୍ତି । ଜୀବନ କାଳରେ ଜଗନ୍ନାଥଙ୍କ ଦର୍ଶନ ଅନ୍ତତଃ ପକ୍ଷେ ଥରେ କରିବାକୁ ସେମାନେ ମତେ ପରାମର୍ଶ ଦେଇଥିଲେ । ତାକୁ ପାଥେୟ କରି ମହାପ୍ରଭୁଙ୍କ ପାଖକୁ ଧାଇଁ ଆସିଛି ବହୁ ଦୂରରୁ । ମୋର ସୌଭାଗ୍ୟକ୍ରମେ ପ୍ରଭୁଙ୍କ ଦର୍ଶନ ମିଳିପାରିଛି । ଏବେ ଶ୍ରୀକ୍ଷେତ୍ରରେ ପରିକ୍ରମା ପ୍ରକଳ୍ପ ଦ୍ୱାରା ବ୍ୟାପକ ପରିବର୍ତ୍ତନ ହୋଇଛି । ଫଳରେ ମୋତେ ବହୁ ଅସୁବିଧାରୁ ମୁକ୍ତି ମିଳିଛି।

**୮. ସାରଦା ଷଡ଼ଙ୍ଗୀ (କେନ୍ଦ୍ରାପଡା)**

ମୁଁ ଜଗନ୍ନାଥ ମହାପ୍ରଭୁଙ୍କ ଜଣେ ବଡ଼ ଭକ୍ତ । ପ୍ରତିବର୍ଷ କିଛି ନହେଲେ ବି ଦୁଇ ଚାରିଥର ଶ୍ରୀମନ୍ଦିରକୁ ଆସେ । ଏବେ ସରକାରଙ୍କ ତରଫରୁ ହେଉଥିବା ବିଭିନ୍ନ ବ୍ୟବସ୍ଥା ନିଶ୍ଚିତଭାବେ ଭକ୍ତଙ୍କ ପାଇଁ ଉପାଦେୟ ହେବ। ଶ୍ରୀମନ୍ଦିରର ବର୍ଣ୍ଣାଢ୍ୟ ରୂପାନ୍ତରଣ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ।

**୯. ରତିରଞ୍ଜନ ସାହୁ (କଟକ)**

ଶ୍ରୀମନ୍ଦିରର ବାହ୍ୟ ପରିବେଶ ପୂର୍ବରୁ ବିଭିନ୍ନ କୋଠାବାଡ଼ି ଓ ଦୋକାନଗୁଡ଼ିକ ଦ୍ୱାରା ସଙ୍କୁଚିତ ହେଇପଡ଼ିଥିବାରୁ ଶ୍ରୀ ମନ୍ଦିରର ସମ୍ପୂର୍ଣ୍ଣ ଅପରୂପ ଶୋଭା ଦେଖି ପାରୁନଥିଲୁ। ଆଜି ସମ୍ପୂର୍ଣ୍ଣ ମନ୍ଦିର ଚାରିପାଖେ ବୁଲି ଆସି ଆନନ୍ଦିତ ହେଲି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବାସ୍ତବରେ ଅନନ୍ୟ ଲାଗୁଛି।

ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି ପଦକ୍ଷେପର ଦୁଇଟି ମୌଳିକ ଆଭିମୁଖ୍ୟ ରହିଛି । ଗୋଟିଏ ସ୍ଥାନୀୟ, ଅନ୍ୟଟି ସାର୍ବଜନୀନ । ସ୍ଥାନୀୟ ଆଭିମୁଖ୍ୟରେ ବିକାଶ ଓ ଭିତ୍ତିଭୂମି ଉନ୍ନୟନ ସାଙ୍ଗକୁ ଲୋକକଲ୍ୟାଣ ଅନ୍ୟତମ । ଏଥିରେ ଶ୍ରୀମନ୍ଦିର ଦର୍ଶନ ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସୂତ୍ର ନିହିତ । ସାର୍ବଜନୀନ ଆଭିମୁଖ୍ୟଟି ହେଉଛି ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସଂସ୍କୃତିର ମହାର୍ଘ ଉତ୍ସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାତ୍ମ୍ୟର ବିଶ୍ୱବ୍ୟାପୀ ପ୍ରଚାର ଓ ପ୍ରସାର । ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହେଉଛି । ଲୋକାର୍ପଣ ପରେ ଶ୍ରୀକ୍ଷେତ୍ର ପୁରୀର ନବ୍ୟାର ହେବ ନବକଳେବର । ପରିକ୍ରମା ପ୍ରକଳ୍ପ ସମସ୍ତଙ୍କୁ ଦେବ ନୂତନ ଅନୁଭୂତି, ଅଭିନବ ଉପଲବ୍ଧି ଓ ଦିବ୍ୟ ସନ୍ତୋଷ ।

## କାନ୍‌ଭାସରେ ପରିକ୍ରମା



ଚିତ୍ରକରର ସୃଜନୀ ସ୍ପର୍ଶରେ ଉତୁରିବ ପରିକ୍ରମା ପ୍ରକଳ୍ପର ରୂପରେଖ। କାନଭାସରେ ରଙ୍ଗ ତୂଳୀର ସ୍ପର୍ଶରେ ଆଙ୍କିହେବ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆବେଗିକ ସମ୍ପର୍କର ପରିଭାଷା। ଏହି ଐତିହାସିକ ମୁହୂର୍ତ୍ତକୁ ପ୍ରାମାଣିକ ଭାବେ ସାଇତି ରଖିବା ପାଇଁ ୨୦ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ପରିକ୍ରମା ମାର୍ଗରେ ଚାଲିଛି ଚିତ୍ରକଳା ଶିବିର। ଯୁବଶିଳ୍ପୀଙ୍କଠାରୁ ନେଇ ବରିଷ୍ଠ ଶିଳ୍ପୀ କେବେଳ ଚିତ୍ର ଆଙ୍କୁନାହାଁନ୍ତି, ବରଂ ଏହା ମଧ୍ୟରେ ଆବେଗକୁ ରୂପ ଦେଉଛନ୍ତି। କେଉଁଠି ଭକ୍ତଟିଏ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବା ବେଳେ ତଲ୍ଲୀନ ହୋଇ ଉଠୁଛି ତ କେଉଁଠି ଶ୍ରୀମନ୍ଦିର ଚୌହଦୀର ଆଖି ଲାଖି ଯାଉଥିବାର ଚିତ୍ର କାନ୍‌ଭାସରେ ପ୍ରତିଫଳିତ ହେଉଛି।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶ୍ରୀମନ୍ଦିର ଚୌହଦୀରେ ଚାଲିଛି ଚିତ୍ର ଶିବିର। ୨୦ ଜଣ ଚିତ୍ରଶିଳ୍ପୀ ଚିତ୍ର ପ୍ରସ୍ତୁତ କରୁଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଶିଳ୍ପୀମାନେ ଭକ୍ତି ମିଶା ସୃଜନୀକୁ କାନଭାସରେ ଉତାରିଛନ୍ତି। ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲଙ୍କ ନେତୃତ୍ୱରେ ଚନ୍ଦ୍ରଶେଖର ମହାରଣା, ଦେବେନ୍ଦ୍ର ଦାସ, ରାଜୀବ କୁମାର ଦେ, ରାଜକୁମାର ବେହେରା, ପ୍ରଦୀପ୍ତ କୁମାର ଷେଣ୍ଠ, ପ୍ରବାଳ ମଲ୍ଲିକ, ସନ୍ତୋଷ କୁମାର ମହାରଣା, ନମିତା ପଟ୍ଟନାୟକ, ନିତ୍ୟାନନ୍ଦ ସାହୁ, ତପନ କୁମାର ମହାରଣା, ଲକ୍ଷ୍ମଣ କୁମାର ନାୟକ, ଶୁଭେନ୍ଦୁ ମିଶ୍ର, ପ୍ରିୟଦର୍ଶିନୀ ମହାନ୍ତି, ବିଦ୍ୟୁତଲତା ପାଟଶାଣୀ, ପ୍ରଦୀପ କୁମାର ପାଣ୍ଡେ, ଜନାର୍ଦ୍ଦନ ପରମଗୁରୁ, ପ୍ରଶାନ୍ତ କୁମାର ସାହୁ, ନିରୋଦ ନଳିନୀ ବେହେରା ଓ ରଘୁନାଥ ସାହୁ ପ୍ରମୁଖ ଚିତ୍ରଶିଳ୍ପୀ ପେଣ୍ଟିଂରେ ପ୍ରକଳ୍ପର କଥା ବ୍ୟକ୍ତ କରିଛନ୍ତି।

ଏକାଡେମୀର ସଚିବ ଶ୍ରୀ ସାମଲଙ୍କ କହିବା ଅନୁଯାୟୀ, ଅନ୍ୟ ଚିତ୍ର ଶିବିର ଅପେକ୍ଷା ଏହା ଏକଦମ ଭିନ୍ନ। ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ନେଇ ଚିତ୍ର ଆଙ୍କିବାର ସୌଭାଗ୍ୟ କେବଳ ଭାଗ୍ୟରେ ଥିଲେ ମିଳେ। ସେ ଏହି ଶିବିର ପାଇଁ ଯାହାଙ୍କୁ ଯୋଗାଯୋଗ କଲେ ପ୍ରତ୍ୟେକ ଶିଳ୍ପୀ ଏ ସୁଯୋଗକୁ ହାତ ଛଡ଼ା କରିବାକୁ ଚାହିଁ ନଥିଲେ। ଆଜି ବଡ଼ଦାଣ୍ଡରେ ଚିତ୍ର ଶିବିରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ କାନ୍‌ଭାସରେ ଗୁରୁତ୍ୱ ଦିଆଯାଇଛି। ଶିବିରରେ ପ୍ରସ୍ତୁତ ହୋଇଥିବା ୨୦ଟି ଚିତ୍ର ବୁଧବାର ପରିକ୍ରମା ମାର୍ଗରେ ପ୍ରଦର୍ଶିତ କରାଯିବ। ସମ୍ଭବତଃ ଶହେ ବର୍ଷ ପରେ ଏହା ଆହୁରି ପ୍ରସାରିତ ହୋଇପାରେ, କିନ୍ତୁ ସଂପ୍ରତି ଝଟକୁଥିବା ଏ ଦୃଶ୍ୟର ଇତିବୃତ୍ତକୁ କାନଭାସରେ ସାଇତାଯିବ। ଏହି ମାଧୁର୍ଯ୍ୟକୁ କାନଭାସରେ ଅକ୍ଷତ ରଖାଯିବ ବୋଲି ସେ କହିଛନ୍ତି।

ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ କହିଛନ୍ତି, ଜଗନ୍ନାଥ ଧାମ କେବେ ଦେଖିନଥିଲି। ଏହି ପ୍ରକଳ୍ପ ହେବାରୁ ଏବେ ଚାରିପଟ ବେଢ଼ା ବୁଲି ହେବ ଦେଖି ମୁଁ ଆତ୍ମ ବିଭୋର ହେଲି। ମୁଁ ମୋର ଚିତ୍ରରେ ଜଗନ୍ନାଥ ମନ୍ଦିର ସହ ବଡ଼ ଠାକୁରଙ୍କୁ ଦେଖାଇଛି। କିଭଳି ମନ୍ଦିର ବାହାରେ ରହି ଭକ୍ତ ଭଗବାନଙ୍କୁ ଡାକୁଛି ତାହା କାନ୍‌ଭାସରେ ପ୍ରକାଶ କରିଛି। ବଡ଼ଦାଣ୍ଡରେ ଛିଡ଼ା ହୋଇ ମହାପ୍ରଭୁଙ୍କ ପେଣ୍ଟିଂ କରିବା ସୁଯୋଗ ପାଇବା ସବୁଦିନେ ମନେ ରହିବ।

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ମହାମାରୀ ପରେ ୬୦% ଗରିବଙ୍କ ସମ୍ପତ୍ତିରେ ହ୍ରାସ

କରୋନା ମହାମାରୀ ସାରା ବିଶ୍ୱରେ ବଡ଼ ଧରଣର ପରିବର୍ତ୍ତନ ଆଣିଛି । କିଛି ଲୋକଙ୍କ ପାଇଁ ଏହା ବହୁତ ବଡ଼ କ୍ଷତିର କାରଣ ହୋଇଥିବା ବେଳେ ଅନ୍ୟ କିଛି ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଛି । ଅକ୍ସଫାମ ଜାରି କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୦ ପରେ ବିଶ୍ୱର ୬୦ ପ୍ରତିଶତ ଗରିବ ଲୋକଙ୍କ ସମ୍ପତ୍ତିରେ ହ୍ରାସ ଘଟିଛି । ସେହି ସମୟରେ ବିଶ୍ୱର ପାଞ୍ଚ ଜଣ ବଡ଼ ଧନୀ ଏଲନ ମସ୍କ, ବର୍ନାର୍ଡ ଆର୍ନଲ୍ଟ, ଜେଫ ବେଜୋସ୍, ଲାରି ଏଲିସନ ଓ ମାର୍କ ଜୁକରବର୍ଗଙ୍କ ସମ୍ପତ୍ତି ଦ୍ୱିଗୁଣିତ ହୋଇଛି ।

ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ୪୭୭ କୋଟି ଲୋକଙ୍କ ସମ୍ପତ୍ତିରେ ୦.୨ ପ୍ରତିଶତ ହ୍ରାସ ହୋଇଛି । ୨୦୨୦ ତୁଳନାରେ ୨୦୨୩ରେ ଧନୀ ଲୋକମାନଙ୍କ ସମ୍ପତ୍ତି ୩ ଲକ୍ଷ କୋଟି ଡଲାର ବଢ଼ିଛି । ମୁଦ୍ରାସ୍ଫୀତି ହାରଠାରୁ ଅଧିକ ବେଗରେ ଧନୀମାନେ ସେମାନଙ୍କ ସମ୍ପତ୍ତି ବଢ଼ାଇଛନ୍ତି । ଯେଉଁ ହାରରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ରହିଛି ତାହାକୁ ବିଚାରକୁ ନେଲେ ୨୩୦ ବର୍ଷ ପୂର୍ବରୁ ଦାରିଦ୍ର୍ୟ ମୂଳୋତ୍ପାଟନ ହୋଇପାରିବନି । ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଲାଗି ରହିବ ଏବଂ ଦଶନ୍ଧି ଭିତରେ ଟ୍ରିଲିଓନେୟାର (ଏକ ଲକ୍ଷ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସୃଷ୍ଟି ହେବେ । ସର୍ବାଧିକ ଲାଭ କରୁଥିବା ଲୋକମାନଙ୍କ ପାଖରେ କ୍ଷମତା ରହିଥିବା ବେଳେ ଶ୍ରମିକ ଓ ସମାଜରେ ସେମାନଙ୍କ ସମ୍ପତ୍ତି ବଣ୍ଟନ କରୁନଥିବାରୁ ବୈଷମ୍ୟ ବଢୁଛି । ବିଶ୍ୱର ପ୍ରତି ୧୦ ବଡ଼ ସଂସ୍ଥା ମଧ୍ୟରୁ ୭ ସଂସ୍ଥାର ସିଇଓ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ବିଶ୍ୱର ୧ ପ୍ରତିଶତ ଧନୀ ଲୋକଙ୍କ ପାଖରେ ଦୁନିଆର ୪୩ ପ୍ରତିଶତ ଆର୍ଥିକ ସମ୍ପତ୍ତି ରହିଛି । ଦୁନିଆର ଦୁଇ ତୃତୀୟାଂଶ ଗରିବଙ୍କ ଠାରୁ ସେହି ୧ ପ୍ରତିଶତ ଧନୀ ଲୋକ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ ଛାଡୁଛନ୍ତି । ବିଶ୍ୱର ସବୁ ବଡ଼ ଧନୀ ଲୋକମାନେ ହେଉଛନ୍ତି ପୁରୁଷ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ସିଇଓ ହେବା ଲାଗି ଜଣେ ମହିଳା ଶ୍ରମିକଙ୍କୁ ୧୨୦୦ ବର୍ଷ ଲାଗିଯିବ ବୋଲି ଆକଳନ କରାଯାଇଛି ।

# ଅଦ୍ୱୈତବାଦୀଙ୍କ କଳ୍ପନାରେ ଶ୍ରୀକୃଷ୍ଣ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ:୯୩୩୭୧୦୨୫୫୩
Email ID: prafulla1941@gmail.com

ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଆବିର୍ଭୂତ ଅଦୈତ ସମ୍ପ୍ରଦାୟର ଆଚାର୍ଯ୍ୟ ଲକ୍ଷ୍ମୀଧର କବି ତାଙ୍କ ରଚିତ "ଅଦୈତ ମକରନ୍ଦ" ପୁସ୍ତକରେ ନିଜର ଇଷ୍ଟଦେବତା ଭଗବାନ ଶ୍ରୀକୃଷ୍ଣଙ୍କୁ ଭକ୍ତିଅର୍ଘ୍ୟରେ ଲେଖିଛନ୍ତି-

**କଟାକ୍ଷକିରଣାଚାନ୍ତ**
**ମନ୍ମୋହାବ୍ଧୟେ ନମଃ ।**
**ଅନନ୍ତାନନ୍ଦକୃଷ୍ଣାୟ**
**ଜଗନ୍ମଙ୍ଗଳମୂର୍ତ୍ତୟେ ।**

**ଶବ୍ଦାର୍ଥ:** ନମଃ= ପ୍ରଣାମ ବା ନମସ୍କାର; ଅନନ୍ତ ଆନନ୍ଦ କୃଷ୍ଣାୟ= ଅନନ୍ତ ଆନନ୍ଦ ସ୍ୱରୂପ ଶ୍ରୀକୃଷ୍ଣଙ୍କୁ; ଜଗତ୍-ମଙ୍ଗଳ-ମୂର୍ତ୍ତୟେ= ଯାହାର ମୂର୍ତ୍ତି ଜଗତ୍‌କୁ ମଙ୍ଗଳ ବା ଶୁଭ ପ୍ରଦାନ କରେ; କଟାକ୍ଷକିରଣ-ଆଚାନ୍ତ-ନମତ୍ ମୋହ ଅବ୍ଧୟେ= ଏବଂ ଯାହାର ବକ୍ର ଦୃଷ୍ଟିର ଏକ କିରଣ ଦ୍ୱାରା ତାଙ୍କର ଶରଣରେ ଆସିଥିବା ଭକ୍ତମାନଙ୍କର ମୋହରୂପୀ ସମୁଦ୍ର ଶୁଷ୍କ ହୋଇଯାଏ ।

**ଭାବାର୍ଥ:** "ସେହି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରଣାମ, ଯିଏ ଅନନ୍ତ ଆନନ୍ଦ ସ୍ୱରୂପ ଅଟନ୍ତି, ଯାହାର ମୂର୍ତ୍ତି ଜଗତ୍‌କୁ ମଙ୍ଗଳ ପ୍ରଦାନ କରେ ଏବଂ ଯାହାର ବକ୍ର ଦୃଷ୍ଟିର ଏକ କିରଣ ଦ୍ୱାରା ଶରଣାପନ୍ନ ହୋଇଥିବା ଭକ୍ତମାନଙ୍କର ମୋହରୂପୀ ସମୁଦ୍ର ଶୁଷ୍କ ହୋଇଯାଏ ।"

**ବ୍ୟାଖ୍ୟା:** ଆମର ସାଂସ୍କୃତିକ ପରମ୍ପରାରେ ମାତା-ପିତା, ଗୁରୁ ଅଥବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ନାମ ନେଇ ଡାକିବା ଅନାଦର ସୂଚକ ଅଟେ । ତେଣୁ ଏହି ଗ୍ରନ୍ଥର ଲେଖକ ତାଙ୍କର ଗୁରୁଙ୍କ ନାମକୁ ପରୋକ୍ଷ ରୂପେ ଉଲ୍ଲେଖ କରି ତାଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିଛନ୍ତି । ଗୁରୁ ଏବଂ ଇଷ୍ଟଦେବଙ୍କ ନାମର ଏଭଳି ସମାସ କରାଯାଇଛି, ଯଦ୍ୱାରା କି ଗୁରୁ ଏବଂ ଈଶ୍ୱରଙ୍କର ଅଭେଦ ସିଦ୍ଧ ହୋଇଥାଏ । ଭଗବାନ ଶ୍ରୀକୃଷ୍ଣଙ୍କୁ ନମସ୍କାର କରିବାର ଅର୍ଥ, ତାଙ୍କ ସହିତ ଆତ୍ମାକୁ ମିଶାଇଦେବା । ଏହିପରି ଗୁରୁ, ଈଶ୍ୱର ତଥା ଆତ୍ମା, ଅନ୍ତତଃ ଏକ ତତ୍ତ୍ୱ ଅଟେ । ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ସେହି ମନ ଆକର୍ଷଣକାରୀ ରୂପକୁ ଜଗତ୍‌ର ମଙ୍ଗଳ ଉଦ୍ଦେଶ୍ୟରେ ଧାରଣ କରିଥିଲେ । ତାଙ୍କର କୃପା-କଟାକ୍ଷର କିରଣ ଭକ୍ତଜନମାନଙ୍କ ମୋହରୂପୀ ସମୁଦ୍ରକୁ ଶୁଷ୍କ କରିଦିଏ ।

ଏଠାରେ 'ମୋହ'ର ତୁଳନା ସମୁଦ୍ର ସହିତ କରାଯାଇଛି । କାରଣ, ଅପାର ସମୁଦ୍ର ସଦୃଶ ଏହି ମୋହକୁ ପାର କରିବା ବଡ଼ କଠିନ ଅଟେ । ସମୁଦ୍ରର ଉତ୍ତାଳ ତରଙ୍ଗମାଳାକୁ ମୋହରୁ ଉତ୍ପନ୍ନ ହେଉଥିବା ଭ୍ରାନ୍ତି ଓ ବିକ୍ଷେପ ସହିତ ତୁଳନା କରାଯାଇପାରେ । ସମୁଦ୍ରର କୁମ୍ଭୀର, ମତ୍ସ୍ୟ, ସର୍ପ ଆଦି ଭୟଙ୍କର ଜଳଜନ୍ତୁଙ୍କ ସଦୃଶ ଆମର ମନରେ ଥିବା ରାଗ, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି ଆମକୁ ଗିଳିଦେବା ଲାଗି ସର୍ବଦା ମୁହଁ ଖୋଲି ରହିଛନ୍ତି ।

ଈଶ୍ୱରକୃପା, ଗୁରୁକୃପା ଏବଂ ଶାସ୍ତ୍ରକୃପାରୁ ବଞ୍ଚିତ ବ୍ୟକ୍ତି ମୋହରୂପୀ ଗଭୀର ସମୁଦ୍ରରେ ବୁଡ଼ି ମରିଥାନ୍ତି । ସେମାନଙ୍କ କୃପାର ଚିହ୍ନ କ'ଣ ? ପରମ ସତ୍ୟକୁ ଜାଣିବା ପାଇଁ ତୀବ୍ର ଜିଜ୍ଞାସା ହିଁ 'ଈଶ୍ୱର କୃପା'ର ସୂଚକ । ଜିଜ୍ଞାସୁଙ୍କୁ ଶିଷ୍ୟରୂପେ ସ୍ୱୀକାର କରିବା ଏବଂ ପ୍ରସନ୍ନତାପୂର୍ବକ ତାଙ୍କୁ ଉପଦେଶ ଦେବା ହେଉଛି, 'ଗୁରୁକୃପା' । ଶ୍ରୁତି ସେହି ପରମ ସତ୍ୟକୁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କଠାରେ ଥିବା ସେମାନଙ୍କ ମାନସିକ ଯୋଗ୍ୟତା ଅନୁସାରେ ବିଭିନ୍ନ ପ୍ରକାରରେ ସ୍ୱୟଂକୁ ବ୍ୟକ୍ତ କରି ସେମାନଙ୍କ ଉପରେ କୃପାବର୍ଷା କରିଥାଏ । ଏହି ଉପରୋକ୍ତ ତିନି ପ୍ରକାର କୃପା ସହିତ ଆତ୍ମ କୃପା ସବୁଠାରୁ ଅଧିକ । ଥରେ ମାତ୍ର ମନରେ ସତ୍ୟ ପ୍ରତି ଜିଜ୍ଞାସା ଉତ୍ପନ୍ନ ହୋଇଗଲେ, ଦୃଢ଼ ଭାବରେ ସେହି ଲକ୍ଷ୍ୟରେ ଅଗ୍ରସର ହୋଇ ପୁନର୍ବାର ପଛକୁ ନ ଫେରିବା ହିଁ ଆତ୍ମକୃପା ।

ଆଚାର୍ଯ୍ୟ ଲକ୍ଷ୍ମୀଧରଙ୍କର ଗୁରୁ ଥିଲେ ଅନନ୍ତାନନ୍ଦ ସ୍ୱାମୀ, କେତେକ ତାଙ୍କର ଜନ୍ମସ୍ଥାନ ଓଡ଼ିଶାର ଶ୍ରୀଜଗନ୍ନାଥଙ୍କ ଧାମ କହୁଥିବା ବେଳେ "ଅଦୈତ ମକରନ୍ଦ"ର ବ୍ୟାଖ୍ୟାକାର ମହାନ ବେଦାନ୍ତୀ ସ୍ୱୟଂପ୍ରକାଶ ଯତିଙ୍କର ବିଶ୍ୱାସ ଯେ ସେ ତାମିଲନାଡୁର ତିରୁଚି ପ୍ରାନ୍ତରେ ଜନ୍ମଗ୍ରହଣ କରିଥିଲେ ।

**ଆଲୋଚନା:** ଜଣେ ବେଦାନ୍ତୀଙ୍କର ଏହି ମତ ଉପରେ ଆଲୋଚନା କଲେ ଦେଖାଯାଏ ଯେ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ଆକର୍ଷଣର ମହାଶକ୍ତି । "ଆକର୍ଷୟତି ଇତି କୃଷ୍ଣ"ର ବ୍ୟାପକତାକୁ ବିଶ୍ଳେଷଣ କଲେ ମହାକର୍ଷଣ ଶକ୍ତିର ପରିଚୟ ମିଳିଥାଏ । ଏହି ମହାଜଗତର ପ୍ରତ୍ୟେକଟି ଅଣୁ ପରମାଣୁରେ ସେପରି ସତ୍ତା ବିଦ୍ୟମାନ । ବିଖ୍ୟାତ ପଦାର୍ଥ ବିଜ୍ଞାନୀ ଆଲ୍‌ବର୍ଟ ଆଇନଷ୍ଟାଇନ (Albert Einstein)ଙ୍କ ମତରେ ସେହି ମହାକର୍ଷଣର ତରଙ୍ଗ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଆଚ୍ଛାଦିତ କରିଛି । ଜୀବ ଏବଂ ଜଡ଼ଜଗତରେ ଆକର୍ଷଣର ଶକ୍ତି ଯେପରି ପରିଲକ୍ଷିତ ତାହା ବି ହୋଇଥାଏ ଅନ୍ତରୀକ୍ଷରେ ଅନୁଭୂତ । ପରସ୍ପର ଆକର୍ଷଣଜନିତ ଦୁଇଟି କୃଷ୍ଣଗର୍ତ୍ତର ମିଳନରେ ସୃଷ୍ଟି ହୋଇଥିବା ବିଶାଳ କୃଷ୍ଣବଳୟରୁ ଉଦ୍ଭବ ହୁଏ ମହାକର୍ଷଣ । ଯାହାର କବଳରୁ ମହାଜଗତର କୌଣସି ବସ୍ତୁ ଖସିଯାଇପାରେ ନାହିଁ । ଏପରିକି ଆକର୍ଷିତ ହୋଇ ଆସୁଥିବା ବହୁ ନକ୍ଷତ୍ରମାନଙ୍କର ସତ୍ତା ବି ସେଥିରେ ହୋଇଯାଏ ବିଲୀନ । ସେହି ମହାକର୍ଷଣ ତରଙ୍ଗ ସମଗ୍ର ଅନ୍ତରୀକ୍ଷରେ ପ୍ରସାରିତ ହୋଇ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଥିବା ପଦାର୍ଥ ବିଜ୍ଞାନୀମାନଙ୍କର ମତ । ସେହିଭଳି ଅଣୁ ସହିତ ପରମାଣୁ ଆଦି ଆକର୍ଷଣ ବଳରେ ହିଁ ପରସ୍ପରସହ ଜଡ଼ିତ । ଗୋଟିକରୁ ଅନ୍ୟଟିର ଅଲଗା କରିବାକୁ ହେଲେ ପ୍ରଚଣ୍ଡ ମହାଶକ୍ତିର ଆବଶ୍ୟକତା ପଡ଼ିଥାଏ । ଏପରି ଶକ୍ତିର ଅଧିକ ରହସ୍ୟ ଜାଣିବା ନିମନ୍ତେ ବିଜ୍ଞାନ ସଦା ତତ୍ପର ।

ଜୀବଜଗତର ପ୍ରତ୍ୟେକର ପରସ୍ପର ସହିତ ଯେଉଁ ପ୍ରେମ ବା ବିଦ୍ୱେଷ ଭାବନାର ଉଦ୍ରେକ ହୋଇଥାଏ ତାହା ମଧ୍ୟ ଏହି ବଳୟର ପରିସରଭୁକ୍ତ । ପୁଣି ବିଶୁଦ୍ଧ ପ୍ରେମ ଉଦ୍ରେକରେ ବିଦ୍ୱେଷ ଅର୍ଥାତ୍ ଘୃଣା, ସ୍ୱାର୍ଥପରତା, ଲୋଭ, ଅସୂୟା ସମ୍ପୂର୍ଣ୍ଣ ଭାବେ ମନରୁ ପ୍ରଶମିତ ହୋଇଯାଏ । ତେଣୁ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ସମସ୍ତ ଜୀବଜଗତରେ ଏପରି ପ୍ରଚଣ୍ଡ ଶକ୍ତିଶାଳୀ ମହାଶକ୍ତିର ଯେଉଁ ପ୍ରଭାବ ରହିଛି ତାହା ଭାବିଲେ ବିସ୍ମୟରେ ମନ ପୁଲକିତ ହୋଇଉଠେ । ପ୍ରତ୍ୟେକ ସେହି ମହାଶକ୍ତିର ଅସ୍ତିତ୍ୱ ରହସ୍ୟକୁ ଅନୁଭବ କରୁଥିଲେ ମଧ୍ୟ ତାହା ଦୃଶ୍ୟମାନ ନୁହେଁ । ମହାତ୍ମା ଆଇନଷ୍ଟାଇନ୍ ନିଜ କନ୍ୟା ଲାଇଜେରଲଙ୍କୁ ଲେଖିଥିବା ୧୪୦୦ ଚିଠିରୁ କେତେକ ମଧ୍ୟ ଏହାରି ଉପରେ ଆଧାରିତ ଯାହାକି ହିବ୍ରୁ ବିଶ୍ୱ ବିଦ୍ୟାଳୟରେ ଗଚ୍ଛିତ ରହିଛି ।

ସୃଷ୍ଟି ରଚନା ସମ୍ପର୍କୀୟ ଶ୍ରୀମଦ୍‌ଭଗବଦ୍‌ଗୀତା ନବମ ଅଧ୍ୟାୟ (ରାଜବିଦ୍ୟାରାଜଗୁହ୍ୟ ଯୋଗ)ର ଦଶମ ଶ୍ଳୋକକୁ ଏଠାରେ ଉପସ୍ଥାପିତ କରାଯାଇପାରେ ।

**ମୟାଧକ୍ଷେଣ ପ୍ରକୃତିଃ**
**ସୂୟତେ ସଚରାଚରମ୍ ।**
**ହେତୁନାନେନ କୌନ୍ତେୟ**
**ଜଗଦ୍‌ବିପରିବର୍ତ୍ତତେ ॥ ।୧୦।**

ଅର୍ଥ- ହେ ଅର୍ଜୁନ, ଅଧକ୍ଷରୂପୀ ମୋର ଶକ୍ତି ଓ ସହାୟତାରେ ପ୍ରକୃତି ଚରାଚରସହିତ ସମସ୍ତ ଜଗତକୁ ସୃଷ୍ଟି କରେ ଏବଂ ସେହି ହେତୁ ହିଁ ସଂସାରଚକ୍ର ଘୂରି ଚାଲିଛି ।

ଏହି ଅଧ୍ୟାୟର ୮ମ ଓ ୯ମ ଶ୍ଳୋକକୁ ମଧ୍ୟ ଆଲୋଚନାର ପରିସରକୁ ଅଣାଯାଇପାରେ ଯାହାର ତାତ୍ପର୍ଯ୍ୟ ହେଲା ଯେ- ଦିନେ ସମଗ୍ର ବ୍ରହ୍ମାଣ୍ଡ ଥିଲା କୃଷ୍ଣମୟ ମହାଶୂନ୍ୟ । ଯେଉଁଥିରେ ନଥିଲା ଜୀବ ବା ଜଡ଼ଜଗତର ସତ୍ତା । ପୁଣି ନଥିଲା ଜଳ ଓ ବାୟୁ । ସେହି ନାହିଁ ଭିତରେ ଥିଲା ଏକମାତ୍ର ଶକ୍ତି ମହାକର୍ଷଣ । ଯାହାଥିଲା ଅନାସକ୍ତ, ଉଦାସୀନ ଓ କର୍ମ ବିଯୁକ୍ତ ପୁଣି ସମସ୍ତ କାରଣର କାରଣ ।

ସେହି ମହାଶକ୍ତି ନିଜଠାରୁ ଉଦ୍ଭବ ପ୍ରକୃତିକୁ ସତ୍ତା ଓ ସ୍ଫୂର୍ତ୍ତି ଦେବାର ଅଧିଷ୍ଠାତା ଥିବାରୁ ଜଗତ ରଚନାର ସମସ୍ତ କ୍ରିୟା ପର୍ଯ୍ୟାୟ କ୍ରମେ ସମ୍ପନ୍ନ ହୋଇଯାଉଛି । ତେଣୁ ସମସ୍ତ ଭୂତମାନଙ୍କର ଭିନ୍ନ ଭିନ୍ନ ରୂପ ସହିତ ଜଗତର ସୃଷ୍ଟି ପ୍ରକୃତି ଦ୍ୱାରା ହିଁ ହୋଇଥାଏ । ପୁଣି ପ୍ରକୃତିକୁ ସଦା ଚଳଚଞ୍ଚଳ କରିଥାଏ ସେହି ମହାଶକ୍ତି । ତେଣୁ ତାହାରି ନିର୍ଦ୍ଦେଶରେ ହିଁ ପ୍ରକୃତି ସୃଷ୍ଟି କରିବା ସହ ଅବିରତ ଘୂରି ଚାଲିଥାଏ ଏହି ବିଶାଳ ସଂସାରଚକ୍ର ।

ଏହି ମହାକର୍ଷଣ ସ୍ୱରୂପୀ ମହାଶକ୍ତିକୁ ଭାରତୀୟମାନେ ଶ୍ରୀକୃଷ୍ଣ ନାମରେ ପୂଜା କରିଆସୁଛନ୍ତି । ଆର୍ଯ୍ୟାବର୍ତ୍ତର ମୁନିଋଷିମାନଙ୍କ ବ୍ୟତୀତ ଅନ୍ୟ କାହାକୁ ଏପରି ମହାସତ୍ତାର ଆଭାସ ବି ଜଣା ନଥିଲା । ସେମାନେ ଏପରି ସତ୍ତାକୁ ଜୀବନର ଲୀଳା ସହିତ ମିଶାଇ ଆପଣାର କରିପାରିଛନ୍ତି ଓ ଏହା ହିଁ କୃଷ୍ଣତତ୍ତ୍ୱର ଗୂଢ଼ ରହସ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ବ୍ରଜ ଓ ଦ୍ୱାରକାଲୀଳାର ବର୍ଣ୍ଣନାରେ ସମାଜକୁ ଯେଉଁଭଳି ଚେତନା ଦିଆଯାଇଛି ତାହା ଅନ୍ୟତ୍ର ବିରଳ । ଦ୍ୱାରକାରେ ତାଙ୍କର ଲୀଳା ଦେଖିବା ନିମନ୍ତେ ଥରେ ଆସିଥିଲେ ଦେବରଷି ନାରଦ । ପ୍ରତିଟି ପରିବାରରେ ଶ୍ରୀକୃଷ୍ଣଙ୍କୁ ବିଦ୍ୟମାନ ଥିବାର ଦେଖି ସେ ବିସ୍ମିତ ହେବାସହ ଶତ ପ୍ରଣାମ କରି କହିଥିଲେ " ହେ ପ୍ରଭୁ ! ତୁମେ ହିଁ ମହାଶକ୍ତି ଓ ସର୍ବତ୍ର ବିଦ୍ୟମାନ ।" ପ୍ରଭୁଙ୍କର ସେପରି ଲୀଳା ସବୁକୁ ନେଇ କବି ବା ଲେଖକର ଲେଖନୀ ହୋଇଥାଏ ସତତ ମୁଖରିତ । ଭାରତୀୟ ସଂସ୍କୃତି ଶ୍ରୀକୃଷ୍ଣଙ୍କ ଲୀଳା ବିନା ଅସମାପ୍ତ । ବିଜ୍ଞାନ ସମ୍ମତ ଏହି ମହାଶକ୍ତିକୁ ଭାରତୀୟ ମୁନିଋଷିମାନେ ନିଜର ସଂସ୍କୃତି ଓ ପରମ୍ପରା ସହିତ ଏଭଳି ମିଶାଇ ଦେଇଛନ୍ତି ଯେ ସେ ହେଉଛନ୍ତି ପ୍ରତ୍ୟେକଙ୍କର ଅତି ଆପଣାର । ଏପରି ମହାଶକ୍ତି କବି କଳ୍ପନାର ଯମୁନା କୂଳରେ ଗୋପିମାନଙ୍କ ସହିତ କେତେବେଳେ କ୍ରୀଡ଼ାରତ ତ ମହାଭାରତ ମହାସମରରେ ମହାକାଳ ରୂପେ କରିଚାଲିଛନ୍ତି ମହାବିନାଶ । ସେଥିପାଇଁ ପାଣ୍ଡବମାନଙ୍କ ଆଗରେ ଭୀମ ପୌତ୍ର ବର୍ବରୀ ଭୟରେ କହି ପକାଇଥିଲେ ଯେ, "ଏକମାତ୍ର ସୁଦର୍ଶନ ଚକ୍ର ଦୁଇ ପକ୍ଷର ଯୋଦ୍ଧା ଓ ସୈନ୍ୟମାନଙ୍କୁ ମାରି ପକାଇଛନ୍ତି ।" ପୁଣି ଭକ୍ତର କଳ୍ପନାରେ ଅପୂର୍ବ ଥିଲା ତାଙ୍କର ରୂପ । କଟିରେ ପୀତାମ୍ବର, ପାଦରେ ବନ୍ଧାଥିବା ନୂପୁରର ରୁଣୁଝୁଣୁ ନାଦ, ମୃଦୁମଳୟ ହିଲ୍ଲୋଳରେ ହଲିଯାଉଥିବା ଗଭା ଖୋସିତ ବାଙ୍କ ମୟୂର ଚୂଳ, ଆଉ ହାତରେ ଧରି ବଜାଉଥିବା ମୋହନ ମୁରଲୀର ଅପୂର୍ବ ନାଦ ଯେତିକି ଆକର୍ଷଣୀୟ ମହାଭାରତ ମହାସମରର ପାର୍ଥସାରଥୀ ରୂପ ସେତିକି ଭୟଙ୍କର ।

ସେହି ମହାଶକ୍ତିଙ୍କୁ ମୁଁ ବାରମ୍ବାର ପ୍ରଣାମ କରୁଛି । ଯିଏ ବିଚାରରେ ଯେପରି ନାସ୍ତିକ ହେଲେ ମଧ୍ୟ ତାଙ୍କ ଆକର୍ଷଣ ଶକ୍ତି ସମ୍ମୁଖରେ ନତମସ୍ତକ ହେବାକୁ ପଡ଼ିବ । ତେଣୁ ହେ ମହାପ୍ରଭୁ ! ତୁମେ ହିଁ ସ୍ରଷ୍ଟା ଓ ସୃଷ୍ଟି । ପୁଣି ଦୃଷ୍ଟି, ଦ୍ରଷ୍ଟା ଓ ଦୃଶ୍ୟ । ଆଉ ଭକ୍ତ କଳ୍ପନାର ସର୍ବଶକ୍ତିମାନ, ସର୍ବାଧାର, ସର୍ବଜ୍ଞ, ସର୍ବାନ୍ତର୍ଯ୍ୟାମୀ, ସର୍ବବ୍ୟାପୀ, ସର୍ବେଶ୍ୱର ତଥା ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ଆଦିର ଅନନ୍ତ ମହାସାଗର ।

# ଶିକ୍ଷାନୀତିରେ ନୀତିଶିକ୍ଷା



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ
ମହାବିଦ୍ୟାଳୟ, କଟକ
ମୋ: ୯୪୩୮୦୭୦୮୪୯

ସାମ୍ପ୍ରତିକ ପରିସ୍ଥିତି ଏମିତି ହୋଇଯାଇଛି ଯେ ମାଷ୍ଟର ଡିଗ୍ରୀ ହାସଲ କରି ଚାକିରୀ ନପାଇଲେ ତାକୁ ଆମେ ମୂର୍ଖ ବୋଲି ଭାବୁଛେ, ଯଦି ମାଟ୍ରିକ ଫେଲ ବ୍ୟକ୍ତିଟି ସରକାରୀ ଚାକିରୀ ପାଇଲା ତେବେ ତାକୁ ଏ ସମାଜ ଶିକ୍ଷିତ ବୋଲି ଅଭିହିତ କରୁଅଛି । ବର୍ତ୍ତମାନର ଶିକ୍ଷା ଚାକିରି ସର୍ବସ୍ୱ ହୋଇଯାଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଶିକ୍ଷା ବ୍ୟବସ୍ଥା ତାର ମୌଳିକତା ହରାଇବସିଛି ଯଦିଓ ସରକାର ନିଜର ଶିକ୍ଷା ବ୍ୟବସ୍ଥାରେ ଯୁଗପଯୋଗୀ ଶିକ୍ଷାନୀତି ମାନ ପ୍ରଣୟନ କରୁଛନ୍ତି କିନ୍ତୁ ପ୍ରକୃତ ଶିକ୍ଷା ଠାରୁ ଆମେ ଅନେକ ଦୂରରେ ରହିଯାଇଛେ । ଶିକ୍ଷାର ପରାବିଦ୍ୟା ଓ ଅପରାବିଦ୍ୟା ମଧ୍ୟରୁ ଆମେ କେବଳ ଅପରାବିଦ୍ୟା ହାସଲ କରିବାରେ ମନୋନିବେଶ କରୁଛେ । ଫଳସ୍ୱରୂପ ଶିକ୍ଷାର ସଂଜ୍ଞା ବଦଳିଯିବା ସହ ପରା ବିଦ୍ୟାର ଯେଉଁ ନୀତି ଶିକ୍ଷା, ନୈତିକତା, ମୂଲ୍ୟବୋଧ ଓ ଅଧ୍ୟାତ୍ମତତ୍ତ୍ୱ ଥିଲା ତାହା ଠାରୁ ଆମେ ଦୂରେଇ ଯାଇଛେ ଆଧୁନିକ ଯୁଗର ମନୁଷ୍ୟ ଶିକ୍ଷା ମାଧ୍ୟମରେ ବିଭିନ୍ନ ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରୟୋଗ କରି ବିକାଶ ଆଡ଼କୁ ଅଗ୍ରସର ହେଉଛି । ଦିନକୁ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇପଡିଛି । ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ନିଜ ହାତ ମୁଠାକୁ ନେଇଛି । ଅଭେଦ୍ୟ ଦୁର୍ଗର ଗୁଢ଼ ରହସ୍ୟର ପର୍ଦ୍ଦାଫାସ କରିଛି । ବୈଷୟିକ ଜ୍ଞାନ ଦ୍ୱାରା ସମଗ୍ର ଜଗତକୁ ଜୟ କରିଛି । ମୋଟାମୋଟି ଭାବେ କହିବାକୁ ଗଲେ ବିକାଶର ଚରମ ସୀମାରେ ଆଜି ଆଧୁନିକ ଯୁଗର ମଣିଷ । କିନ୍ତୁ ବିକାଶ ନାମରେ କେତେ ଯେ ବିନାଶକୁ ଆମେ ନିମନ୍ତ୍ରଣ କରୁଛେ ତାହା କେବେ କଳନା କରିନାହୁଁ । ଆଗକାଳରେ ମଣିଷ ଶିକ୍ଷିତ ନଥିଲେ ମଧ୍ୟ ସେମାନେ ସୁଚରିତ୍ର ଥିଲେ କିନ୍ତୁ ଆମେ ଆଜି ଶିକ୍ଷିତ ହେଲେ ମଧ୍ୟ ସୁଚରିତ୍ରବାନ ନହେବା ଚିନ୍ତାର କାରଣ ହୋଇଛି । ନୈତିକ ଶିକ୍ଷାର ଅଭାବ ଯୋଗୁଁ ବ୍ୟକ୍ତିଟିର ଚରିତ୍ର ନିର୍ମାଣ ହୋଇପାରୁନାହିଁ । ତେଣୁ ଆମେ ଶିକ୍ଷିତ ହେଲେ ମଧ୍ୟ କୁସଂସ୍କାର ଓ କୁ-ଶିକ୍ଷାର ବଶବର୍ତ୍ତୀ ହୋଇଚାଲିଛେ । ଅଧୁନା ନୈତିକ ମୂଲ୍ୟବୋଧର ଦ୍ରୁତ ଅଧୋପତନ ଯୋଗୁଁ ନୈତିକ ଶିକ୍ଷା ଏକ ମୌଳିକ ଆବଶ୍ୟକତା ଭାବେ ଉଭା ହୋଇଛି ।

ଏକ ସଶକ୍ତ ତଥା ଉନ୍ନତ ରାଷ୍ଟ୍ର ଗଠନ କରିବା ନିମନ୍ତେ ଲୋଡା ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ଏହି ବ୍ୟକ୍ତିତ୍ୱ ବିକାଶର ପ୍ରମୁଖ ସ୍ତମ୍ଭ ହେଉଛି ନୈତିକ ଶିକ୍ଷା ଓ ଚରିତ୍ର ନିର୍ମାଣ । କଥାରେ ଅଛି ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର । ହଁ ଆଜ୍ଞା ସମୟ ଆସିଛି ଆମର ଚରିତ୍ରକୁ ସୁଧାରିବାକୁ ପଡ଼ିବ । ଜଣେ ଯେତେ ଶିକ୍ଷିତ ହେଇଥାଉ ନା କାହିଁକି ଯଦି ସୁଚରିତ୍ରବାନ ନହେବ ତେବେ ତାର ଶିକ୍ଷା କେବଳ ଜୀବିକାର୍ଜନମୂଳକ ହୋଇପାରେ କିନ୍ତୁ ତାକୁ ଯେ ଆମେ ପ୍ରକୃତ ଶିକ୍ଷିତ ବୋଲି ବିବେଚନା କରିବା ଏହା କେବେ ଯୁକ୍ତି ସଙ୍ଗତ ନୁହେଁ ।

ଆମ ଦେଶରେ ଶିକ୍ଷିତ ବ୍ୟକ୍ତିଙ୍କର ଅଭାବ ନାହିଁ କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା ନଗଣ୍ୟ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ମନୁଷ୍ୟଠାରେ ନୀତିଶିକ୍ଷାର ଘୋର ଅଭାବ । ନୈତିକ ଶିକ୍ଷା ହେଉଛି ସେହି ଶିକ୍ଷା ଯାହା ବ୍ୟକ୍ତିର ବ୍ୟବହାରକୁ ପରିଚାଳିତ କରିଥାଏ ଯାହା ଭୁଲ୍ ଠିକ୍‌ର ବିଚାର, ସମାଜ ପ୍ରତି ନୈତିକ କର୍ତ୍ତବ୍ୟ, ସମାଜର ହିତ, ପାରସ୍ପରିକ ସମ୍ମାନ, ବିବିଧତା, ସହିଷ୍ଣୁତା ଓ ମୂଲ୍ୟବୋଧକୁ ଶିକ୍ଷା ଦେଇଥାଏ ବିଶ୍ୱନିୟନ୍ତା ନିଜ ରୂପ ଓ ଗୁଣ ଦେଇ ମନୁଷ୍ୟକୁ ସୃଷ୍ଟି କରିବା ସହ ମନୁଷ୍ୟକୁ ଷଷ୍ଠ ଇନ୍ଦ୍ରିୟ ଭାବେ ଜ୍ଞାନେନ୍ଦ୍ରିୟ ବା ଚେତନାର ଇନ୍ଦ୍ରିୟ ପ୍ରଦାନ କରି ମନୁଷ୍ୟକୁ ନିଜ ସୃଷ୍ଟିର ଶ୍ରେଷ୍ଠକୃତୀ ଭାବେ ବିବେଚନା କରିଛନ୍ତି । କେବଳ ସେତିକି ନୁହେଁ ମନୁଷ୍ୟକୁ ଅନେକ ଗୁଡ଼ିଏ ଭାବ ଓ ଆବେଗରେ ପରିପୂର୍ଣ୍ଣ କରିଛନ୍ତି ଫଳରେ ମନୁଷ୍ୟ ମଧ୍ୟରେ ପଶୁତ୍ୱ ଭାବ, ମାନବିକତା ଓ ଦେବତ୍ୱ ଭାବ ପରିସ୍ଫୁଟନ ହୋଇଥାଏ । କିନ୍ତୁ ଶୈଶବ ଅବସ୍ଥାରେ ଉପଯୁକ୍ତ ଶିକ୍ଷାର ଅଭାବ ଯୋଗୁଁ ମନୁଷ୍ୟଠାରେ ପଶୁତ୍ୱ ଭାବ ଜାଗ୍ରତ ହୋଇଥାଏ । କାମ, କ୍ରୋଧ, ମୋହ, ମାୟା, ହିଂସା, ପରଶ୍ରୀକାତରତାର ବଶବର୍ତ୍ତୀ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାଏ । ତା ଦ୍ୱାରା ଯେ କେବଳ ତାର କ୍ଷତି ହୋଇଥାଏ ତା ନୁହେଁ ବରଂ ସମଗ୍ର ମାନବ ସମାଜ ଧ୍ୱଂସାଭିମୁଖୀ ହୋଇଥାଏ । ତେଣୁ ଏହି ପଶୁତ୍ୱ ଭାବରୁ ମାନବତ୍ୱ ଆଡ଼କୁ ଉନ୍ନୀତ ହେବା ପାଇଁ ତଥା ମାନବତ୍ୱରୁ ଦେବତ୍ୱ ଭାବ ଆଡ଼କୁ ବିବର୍ତ୍ତିତ ହେବ ପାଇଁ ନୈତିକ ଶିକ୍ଷା ନିହାତି ଆବଶ୍ୟକ । ଶିଶୁଟିକୁ ସମାଜରୁ

> **ସ୍ୱାଧୀନତାର ପରବର୍ତ୍ତୀ ସମୟରେ ନୀତିଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏହାକୁ ସାମିଲ କରିବା ପାଇଁ ରାଧାକୃଷ୍ଣନ କମିଶନ୍ (୧୯୪୮), ମୁଦାଲିୟାର କମିଶନ୍ (୧୯୫୨), କୋଠାରୀ କମିଶନ (୧୯୬୪), ଯଶପାଲ କମିଟି (୧୯୯୨) ସୁପାରିଶ କରିଥିଲେ ମଧ୍ୟ ଶିକ୍ଷା, କେବଳ ନିଯୁକ୍ତି ସୃଷ୍ଟି କରିବା ମଧ୍ୟରେ ସୀମିତ ରହିଯାଇଥିଲା । ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସଦ୍ୟ ସଦ୍ୟ ଆମ ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି (୨୦୨୦) ପ୍ରଚଳନ ହେଉଅଛି । ଗୁଣାତ୍ମକ ଶିକ୍ଷା ପାଇଁ ସାର୍ବଜନୀନ ସୁଯୋଗ କିଭଳି ସୃଷ୍ଟି କରାଯିବ ସେଥି ନିମନ୍ତେ ଭାରତ କ୍ରମାଗତ ପ୍ରଚେଷ୍ଟା ଜାରି ରଖିବା ସହ ଆର୍ଥିକ ବିକାଶ, ସାମାଜିକ ନ୍ୟାୟ, ସମାନତା, ବୈଜ୍ଞାନିକ ପ୍ରଗତି, ଜାତୀୟ ସଂହତି ଓ ସାଂସ୍କୃତିକ ସନ୍ଦର୍ଭରେ ବିଶ୍ୱସ୍ତରରେ କିଭଳି ଭାରତ ବିଶ୍ୱର ନେତୃତ୍ୱ ନେବ ସେ ନେଇ ମଧ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି ସରକାର ।**

ଅଲଗା କରି କୌଣସି ଏକ ନିକାଞ୍ଚନ ସ୍ଥାନରେ ଛାଡ଼ିଦେଲେ ସେ ହୁଏତ ପ୍ରକୃତିରୁ ଖାଦ୍ୟପେୟ ସଂଗ୍ରହ କରି ବଢ଼ିପାରେ କିନ୍ତୁ ତା ଠାରେ ମଣିଷତ୍ୱ ଭାବ ଜାଗ୍ରତ ହୁଏ ନାହିଁ । ତା ଠାରେ ଦୟା, ସ୍ନେହ, ମମତା, କ୍ଷମା ଆଦି ଦୈବ ଗୁଣ ଗୁଡ଼ିକର ବିକାଶ ପାଇଁ ତାକୁ ମନୁଷ୍ୟ ସମାଜ ଭିତରେ ରହିବାକୁ ପଡ଼ିଥାଏ ଯାହା ପାରମ୍ପରିକ ଶିକ୍ଷା ଦ୍ୱାରା ସମ୍ଭବ ନୁହେଁ । ଆଜିର ଶିଶୁ କାଲିର ଭବିଷ୍ୟତ ହୋଇଥିବାରୁ ଶୈଶବରୁ ନୀତିଶିକ୍ଷାର ଆବଶ୍ୟକତା ରହିଛି । ନୀତିଶିକ୍ଷା ଦ୍ୱାରା ଶିଶୁଟି ଶୃଙ୍ଖଳିତ ହୁଏ, ମାର୍ଜିତ ହୁଏ ଓ ସଂସ୍କୃତ ହୁଏ । ବ୍ୟକ୍ତିର ଜୀବନରେ ରହିଥିବା ସୁଗୁଣ ଗୁଡ଼ିକ ବିକଶିତ ହୋଇଥାଏ ଯଦି ପାଞ୍ଚରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ମୂଲ୍ୟବୋଧ ଓ ନୈତିକତା ଶିକ୍ଷା ପ୍ରଦାନ କରାଯାଏ ତେବେ ଭବିଷ୍ୟତରେ ତାର ଜୀବନ ଶୈଳୀ,ସମାଜ ପ୍ରତି ଅଙ୍ଗୀକାର ବଦ୍ଧତା ବା ଦୃଷ୍ଟିଭଙ୍ଗୀ ସଠିକ ଧାରାରେ ପରିବର୍ତ୍ତିତ ହୋଇପାରିବ ।

ଆର୍ଯ୍ୟଭୂମି ଭାରତ ବର୍ଷ ସଦାସର୍ବଦା ଶିକ୍ଷାର ଗୁରୁତ୍ୱକୁ ଅନୁଭବ କରି ବିଭିନ୍ନ ପ୍ରକାରର ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଆସୁଅଛି । ବିଶେଷ କରି ପ୍ରାଚୀନ ଯୁଗରେ ଗୁରୁକୁଳ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିଶୁମାନଙ୍କର ଚରିତ୍ର ଗଠନ ନିମନ୍ତେ ଶିକ୍ଷା ବେଶ ଜନାଦୃତ । କିନ୍ତୁ ଇଂରେଜ ଶାସନ କାଳରେ ଭାରତ ବର୍ଷରେ ସଞ୍ଚଳିତ ଏହି ପାରମ୍ପାରିକ ଶିକ୍ଷାନୀତିକୁ ଇଂରେଜମାନେ ବିପର୍ଯ୍ୟୟ କରି ଏକ ବସ୍ତୁବାଦୀ ବ୍ୟବସାୟାତ୍ମକ ଶିକ୍ଷା ପଦ୍ଧତି ପ୍ରଚଳନ କଲେ । ତତ୍କାଳୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ହଣ୍ଟର କମିଶନ (୧୮୮୨), ରାଲେ କମିଶନ (୧୯୦୨), ୱାର୍ଦ୍ଧା ଯୋଜନା (୧୯୩୭) ଓ ସାପ୍ରୁ କମିଟି (୧୯୩୪)ଙ୍କ ସୁପାରିଶକୁ ଗ୍ରହଣ କରାଯାଇଥିଲା । ପରିମାଣତଃ ଅଧ୍ୟୟନରତ ଛାତ୍ରଛାତ୍ରୀ କ୍ରମଶଃ ନିତିନିଷ୍ଠ ମାର୍ଗରୁ ବିଚ୍ୟୁତ ହୋଇ କେବଳ ଉପାର୍ଜନ ସର୍ବସ୍ୱ ହେବାକୁ ଲାଗିଲେ । ବୈଦେଶିକ ମାନେ ଆମର ନିଜସ୍ୱ ଶିକ୍ଷା ପ୍ରଣାଳୀ ରେ ମାତ୍ରାଧିକ ହସ୍ତକ୍ଷେପ କରିବା ଯୋଗୁଁ ଏ ଦେଶର ଯେଉଁ ନୈତିକ ସ୍ଖଳନ, ଚାରିତ୍ରିକ ଅଧଃପତନ ଏବଂ ଆଧ୍ୟାତ୍ମିକ ବିପର୍ଯ୍ୟୟର ପ୍ରାରମ୍ଭ ହେଲା ତାହା ସମ୍ପ୍ରତି ଦୃଶ୍ୟମାନ ହେଉଛି ।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ନୀତିଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏହାକୁ ସାମିଲ କରିବା ପାଇଁ ରାଧାକୃଷ୍ଣନ କମିଶନ୍(୧୯୪୮), ମୁଦାଲିୟାର କମିଶନ୍(୧୯୫୨), କୋଠାରୀ କମିଶନ (୧୯୬୪), ଯଶପାଲ କମିଟି (୧୯୯୨) ସୁପାରିଶ କରିଥିଲେ ମଧ୍ୟ ଶିକ୍ଷା, କେବଳ ନିଯୁକ୍ତି ସୃଷ୍ଟି କରିବା ମଧ୍ୟରେ ସୀମିତ ରହିଯାଇଥିଲା । ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସଦ୍ୟ ସଦ୍ୟ ଆମ ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି (୨୦୨୦) ପ୍ରଚଳନ ହେଉଅଛି । ଗୁଣାତ୍ମକ ଶିକ୍ଷା ପାଇଁ ସାର୍ବଜନୀନ ସୁଯୋଗ କିଭଳି ସୃଷ୍ଟି କରାଯିବ ସେଥି ନିମନ୍ତେ ଭାରତ କ୍ରମାଗତ ପ୍ରଚେଷ୍ଟା ଜାରି ରଖିବା ସହ ଆର୍ଥିକ ବିକାଶ, ସାମାଜିକ ନ୍ୟାୟ, ସମାନତା, ବୈଜ୍ଞାନିକ ପ୍ରଗତି, ଜାତୀୟ ସଂହତି ଓ ସାଂସ୍କୃତିକ ସନ୍ଦର୍ଭରେ ବିଶ୍ୱସ୍ତରରେ କିଭଳି ଭାରତ ବିଶ୍ୱର ନେତୃତ୍ୱ ନେବ ସେ ନେଇ ମଧ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି ସରକାର । କିଭଳି ଉତ୍ତମ ମଣିଷ ସୃଷ୍ଟି କରାଯିବ ଯାହାଠାରୁ ଯୁକ୍ତିଯୁକ୍ତ ଚିନ୍ତାଧାରା ମିଳିବ, ବ୍ୟକ୍ତିର ସମର୍ପିତ ଭାବ ଉଦୟ ହେବ, ଦୟା ଓ ସହାନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ସ୍ୱଭାବ ଓ ସୃଜନଶୀଳ କଳ୍ପନା, ନୈତିକତା, ମୂଲ୍ୟବୋଧର ବିକାଶ, ଗଣତାନ୍ତ୍ରିକ ଭାବନା,ସେବା ମନୋଭାବ, ଯୁକ୍ତି ସଙ୍ଗତ ନିଷ୍ପତି, ବୈଜ୍ଞାନିକ ଚିନ୍ତାଧାରା, ସ୍ୱାଧୀନତା, ଦାୟିତ୍ୱ ବୋଧତା, ବହୁତ୍ୱବାଦ, ନ୍ୟାୟପରି ନୈତିକ ଏବଂ ମାନବିକ ତଥା ସାମ୍ବିଧାନିକ ମୂଲ୍ୟବୋଧର ଉନ୍ନତ ତଥା ପରିବର୍ତ୍ତନଶୀଳ ଦୁନିଆରେ ବ୍ୟକ୍ତିର ଭୂମିକା ଓ ଦାୟିତ୍ୱବଦ୍ଧତାର ପରିସ୍ଫୁଟନ ହେବ ସେଥିପାଇଁ ଜାତୀୟ ଶିକ୍ଷାନୀତିରେ ନୀତିଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଛାତ୍ରଛାତ୍ରୀ ମାନଙ୍କୁ ନିତିନିଷ୍ଠ ଓ ଶୃଙ୍ଖଳିତ କରିବା ପାଇଁ ଶିକ୍ଷା ବର୍ଷ ୨୦୨୨/୨୩ ରୁ ବିଶ୍ୱବିଦ୍ୟାଳୟର ପାଠ୍ୟ ଖସଡ଼ାରେ ନୈତିକତା ଓ ମୂଲ୍ୟବୋଧ ବିଷୟ ସାମିଲହେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।

ଖାଲି ଯୋଜନା ପ୍ରସ୍ତୁତ କରିଦେଲେ ହେବ ନାହିଁ ବରଂ ଏହାର କିଭଳି ସଫଳ ରୂପାୟନ ହେବ ସେ ନେଇ ସରକାର ତତ୍ପର ହେବା ଦରକାର, ନହେଲେ ଏକଦା ଏକ ସମୟ ଆସିବ ଯେତେବେଳେ ଆମେ ସମସ୍ତେ ଶିକ୍ଷିତ ଥିବା କିନ୍ତୁ ନୀତି ନୈତିକତା ତଥା ମୂଲ୍ୟବୋଧର ଅଭାବ ଫଳରେ ଶିକ୍ଷାର ପୂର୍ଣ୍ଣାଙ୍ଗ ସଫଳତା ହାସଲ କରିପାରିବା ନାହିଁ ।

# ଭାରତୀୟ ସଂସ୍କୃତିର ମଠ ପରମ୍ପରା



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ- ୯୭୭୮୭୬୪୩୯୪

> **ଭାରତୀୟ ସଂସ୍କୃତିରେ ମଠ ପରମ୍ପରା ଏକ ଅବିଚ୍ଛେଦ୍ୟ ଅଙ୍ଗ । ମନ୍ଦିର ମାନଙ୍କୁ ବିଭିନ୍ନ ସେବା ଯୋଗାଇବା ସହିତ ଧର୍ମ, ଶାସ୍ତ୍ର ତଥା ଆଧ୍ୟାତ୍ମିକ ଚର୍ଚ୍ଚା କରିବା ସହିତ ସମାଜ ତଥା ମନ୍ଦିର ମାନଙ୍କରେ ବିଭିନ୍ନ ନିତିଗତ ନିଷ୍ପତ୍ତି ନେବାରେ ମଠ ମାନଙ୍କର ଅବଦାନ ଅନନ୍ୟ । ଓଡ଼ିଶାରେ ଜଗନ୍ନାଥ ମନ୍ଦିରକୁ ଆଧାର କରି ପୁରୀ ତଥା ଏହାର ଆଖପାଖ ଅଞ୍ଚଳରେ ପୁରୀ ଗଜପତିଙ୍କ ପୃଷ୍ଠପୋଷକତାରେ ଅନେକ ମଠ ପ୍ରତିଷ୍ଠା କରାଯାଇଥିବାବେଳେ ଅନେକ ସନ୍ଥ ପୁରୀରେ ଅବସ୍ଥାନ କାଳରେ ସେମାନଙ୍କର ସହଯୋଗରେ ବିଭିନ୍ନ ମଠ ସ୍ଥାପନ କରିଥିଲେ ।**

ଯେତେବେଳେ କୌଣସି ଲୋକ କିଛି କାମଧନ୍ଦା ନକରି ଅଳସୁଆ ହୋଇ ବସିରହି ପରିବାରବର୍ଗ, ବନ୍ଧୁ ବାନ୍ଧବ ମାନଙ୍କ ଉପରେ ନୀର୍ଭରଶୀଳ ହୋଇ ନିଶ୍ଚିନ୍ତରେ ଦିନ କଟାଏ । ଲୋକମାନେ କୁହନ୍ତି ଦେଖ ! ସିଏ ତ 'ମଠରେ ଖାଇ ଖଟରେ ଶୋଇବା ଲୋକ' ତାର କ'ଣ ଚିନ୍ତା ? ଭକ୍ତ ମାନଙ୍କ ଦାନରେ ମଠ ଦ୍ୱାରା ଅନେକ ସ୍ଥାନରେ ଅନ୍ନଛତ୍ର ଓ ଜଳଛତ୍ର ସେବା ଉଭୟ ମଠ ଭିତରେ ଏବଂ ମଠ ବାହାରେ ଚାଲିଥାଏ । ବେଳେବେଳେ କିଛି ଅସାଧୁ ପ୍ରକୃତିର ଲୋକ ଅଳସୁଆ ହୋଇ ନିଜକୁ ଭକ୍ତ ବେଶରେ ସଜେଇ ଏବଂ ପରିଚୟ ଦେଇ ମଠ ମାନଙ୍କରେ ଅବସ୍ଥାନ କରି ନିଜ ଭୋକ ମେଣ୍ଟାଇ ଥାଆନ୍ତି । ନିଜର ଭିନ୍ନ ପରିଚୟ ସୃଷ୍ଟି କରି ମଠରେ ମାଲିକାନା ହାତେଇବା କିମ୍ବା ମଠର ଧନ ସମ୍ପତ୍ତିକୁ ହଡ଼ପ୍ କରିବା ପାଇଁ ଏମାନେ ପଛାନ୍ତି ନାହିଁ । ତେଣୁ ମଠରେ ଖାଇବା ଏବଂ ଶୋଇବା ଆରାମ ଦାୟକ ହୋଇପାରେ କିନ୍ତୁ ନିଶ୍ଚିନ୍ତ ନୁହେଁ । କାରଣ ପର ଗାଲରେ ପିଠା ଖାଇବା ପାଇଁ ନିଜର ବୁଦ୍ଧି ଓ କୌଶଳକୁ ସଠିକ ଭାବେ ବିନିଯୋଗ କରିବାର ଅଛି ।

ଭାରତୀୟ ସଂସ୍କୃତିରେ ମଠ ପରମ୍ପରା ଏକ ଅବିଚ୍ଛେଦ୍ୟ ଅଙ୍ଗ । ମନ୍ଦିର ମାନଙ୍କୁ ବିଭିନ୍ନ ସେବା ଯୋଗାଇବା ସହିତ ଧର୍ମ, ଶାସ୍ତ୍ର ତଥା ଆଧ୍ୟାତ୍ମିକ ଚର୍ଚ୍ଚା କରିବା ସହିତ ସମାଜ ତଥା ମନ୍ଦିର ମାନଙ୍କରେ ବିଭିନ୍ନ ନିତିଗତ ନିଷ୍ପତ୍ତି ନେବାରେ ମଠ ମାନଙ୍କର ଅବଦାନ ଅନନ୍ୟ । ଓଡ଼ିଶାରେ ଜଗନ୍ନାଥ ମନ୍ଦିରକୁ ଆଧାର କରି ପୁରୀ ତଥା ଏହାର ଆଖପାଖ ଅଞ୍ଚଳରେ ପୁରୀ ଗଜପତିଙ୍କ ପୃଷ୍ଠପୋଷକତାରେ ଅନେକ ମଠ ପ୍ରତିଷ୍ଠା କରାଯାଇଥିବାବେଳେ ଅନେକ ସନ୍ଥ ପୁରୀରେ ଅବସ୍ଥାନ କାଳରେ ସେମାନଙ୍କର ସହଯୋଗରେ ବିଭିନ୍ନ ମଠ ସ୍ଥାପନ କରିଥିଲେ । ସେମାନଙ୍କର ଦେହାବସାନ ପରେ ମୁଖ୍ୟ ଶିଷ୍ୟଙ୍କୁ ମଠର ଶିଷ୍ୟମାନଙ୍କ ମହନ୍ତ ଭାବରେ ନିଯୁକ୍ତି କରାଯାଇ ଆସୁଛି । ସାଧାରଣତଃ ସନ୍ଥ ବା ମହନ୍ତମାନେ ମୃତ୍ୟୁ ବରଣ କରିବା ପୂର୍ବରୁ ସେମାନଙ୍କର ଉତ୍ତରାଧିକାରୀ ସ୍ଥିର କରି ଦେଇ ଥାଆନ୍ତି । କାଳ କ୍ରମେ ଉକ୍ତ ମହନ୍ତ ମାନଙ୍କ ପଦବୀକୁ ନେଇ ଶିଷ୍ୟ ମାନଙ୍କ ମଧ୍ୟରେ ମତାନ୍ତର, ମନାନ୍ତର ଏବଂ ସଂଘର୍ଷର ସୂତ୍ରପାତ ହେଲା । ଧର୍ମ ଓ ଭକ୍ତି ତଥା ଆଧ୍ୟାତ୍ମିକତାରେ ଯେ ହିଂସାର ସ୍ଥାନ ନାହିଁ ସେକଥା ସେମାନେ ବୁଝିବାକୁ ନାରାଜ କିମ୍ବା ବୁଝି ମଧ୍ୟ ଅବୁଝା । କାଳକ୍ରମେ ଏହି ମଠ ପରମ୍ପରା ଗାଁ ଠାରୁ ସହର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି । ମଠ ଗୁଡ଼ିକ ସାଧାରଣତଃ ଭକ୍ତ ମାନଙ୍କ ଭାବାବେଗ ସହିତ ଜଡ଼ିତ ତେଣୁ ମହନ୍ତମାନେ ସାମାଜିକ ସମ୍ମାନ ଓ ପ୍ରତିଷ୍ଠା ପାଇବା ସହିତ ଜନମତକୁ ପ୍ରଭାବିତ କରିଥାଆନ୍ତି । ଅନେକ ସମୟରେ ଲୋକ ମୁଖରେ ଭକ୍ତ ସାଧୁସନ୍ଥମାନେ ବିଭିନ୍ନ ଅଲୌକିକ ଶକ୍ତିର ଅଧିକାରୀ ବୋଲି ପ୍ରଚାର ଓ ପ୍ରସାର ହେବା ଫଳରେ ସେସବୁ ଜାଗାକୁ ଲୋକ ମାନଙ୍କର ସୁଅ ଛୁଟେ । ସେମାନଙ୍କୁ ଯଦି କେହି ଏହାର ବୈଜ୍ଞାନିକ ତତ୍ତ୍ୱ କଥା ପଚାରେ ଉତ୍ତର ଥାଏ, 'ବିଶ୍ୱାସେ ମିଳଇ ହରି ତର୍କେ ବହୁଦୁର' । ସେମାନଙ୍କ ମତରେ ବିଶ୍ୱାସରେ ଗରଳ ମଧ୍ୟ ଅମୃତ ହୋଇଯାଏ ଆଉ ଅବିଶ୍ୱାସରେ ଅମୃତ ମଧ୍ୟ ବିଷ ହୋଇ ଯିବାର ସମ୍ଭାବନା ରହିଛି । ଏ ପ୍ରକାର ଅନ୍ଧ ସମର୍ଥନକୁ ପାଥେୟ କରି କିଛି ସ୍ଥାନରେ ମଠର ମହନ୍ତମାନେ ରାଜନୈତିକ ଗୋଟି ଚାଳନାରେ ପ୍ରମୂଖ ଭୂମିକା ନିଭାଇ ଥାଆନ୍ତି ।

ଐତିହାସିକ ମାନଙ୍କ ମତରେ ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ସାରା ଭାରତବର୍ଷ ଭ୍ରମଣ କରି ବିଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କରିଥିଲେ ଯାହା ଅଦ୍ୟାବଧି ପ୍ରଚଳିତ ହୋଇ ଆସୁଛି ଏବଂ ଉକ୍ତ ମଠର ମଠାଧିଶ ଶଙ୍କରାଚାର୍ଯ୍ୟ ପଦବୀ ମଣ୍ଡନ କରି ଆସୁଛନ୍ତି । ସେତେବେଳେ ସଂସ୍କୃତ ଭାଷା ସମସ୍ତଙ୍କ ପାଇଁ ବୋଧଗମ୍ୟ ନଥିଲା ତେଣୁ ଧର୍ମଶାସ୍ତ୍ର ଆଲୋଚନା ତଥା ବିଭିନ୍ନ ନୀତିଗତ ନିଷ୍ପତ୍ତି ନେବା ପାଇଁ ମଠ ମାନଙ୍କରେ ଭିଡ଼ ଲାଗୁଥିଲା । କାଳ କ୍ରମେ ଅନ୍ଧ ବିଶ୍ୱାସ ବଶବର୍ତ୍ତୀ ହୋଇ ଦେବାଦେବୀଙ୍କର ପ୍ରସାଦ ତଥା ସେମାନଙ୍କ ସନ୍ତୁଷ୍ଟ କରିବାର ଦ୍ୱାହିଦେଇ ବିଭିନ୍ନ ମଠରେ ଗଞ୍ଜେଇ ଭଳି ନିଶାଦ୍ରବ୍ୟ ତଥା ବଳୀ ପ୍ରଥାର ପ୍ରଚ୍ଛନ୍ନ ସମର୍ଥନ ମିଳିବାରେ ସହାୟକ ହେଉଥିଲା । ଯାହା ଫଳରେ ମଠ ସଂସ୍କୃତି ଧିରେଧିରେ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ହରାଇବାରେ ଲାଗିଲା । ମଠକୁ ଆଧାର କରି ମନ୍ଦିର କିମ୍ବା ମନ୍ଦିରକୁ ଆଧାର କରି ମଠ ତିଆରି ହୋଇଛି ଏହା ବିଚାର କରିବା ବଡ଼ କଷ୍ଟକର ବ୍ୟାପାର । ତେବେ ସ୍ଥାନ, କାଳ, ପାତ୍ର ଅନୁସାରେ ଏଥିରେ ଭିନ୍ନତା ଆସିଥାଏ । ମଠ ପରମ୍ପରାରେ ନିଜର ଦୈନନ୍ଦିନ ଖାଦ୍ୟ ଯେତିକି ଦରକାର ସେହି ଅନୁସାରେ ଭିକ୍ଷା କରାଯାଉଥିଲା । କାଳକ୍ରମେ ଏହି ଭିକ୍ଷାର ପଦ୍ଧତି ବଦଳି ଦାନର ରୂପରେଖ ନେଲା ଏବଂ ଏହା ଲୋକମାନଙ୍କ ସେବା ନିମିତ୍ତ ସମର୍ପିତ ହେଲା ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବକ୍ତିଗତ ସମ୍ପତ୍ତିରେ ପରିଣତ ହେବାରେ ଲାଗିଲା ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ମଠ ସଂସ୍କୃତିର ସଂସ୍କାର ଆଣିବାର ସମୟ ଆସିଛି । ଏହା ଜନହିତରେ ସମର୍ପିତ ହୋଇ ବିଭିନ୍ନ ଧାର୍ମିକ ଆଲୋଚନା କ୍ରିୟା କଳାପର କେନ୍ଦ୍ରବିନ୍ଦୁ ହୋଇପାରେ କିନ୍ତୁ ଧର୍ମକୁ ନେଇ ବିବାଦ, ସମ୍ପତ୍ତି ହଡ଼ପ କରିବାର ମାଧ୍ୟମ କିମ୍ବା ବିଭିନ୍ନ ସାମାଜିକ ଅନ୍ଧ ବିଶ୍ୱାସ କିମ୍ବା ଅପପ୍ରଚାର ମାଧ୍ୟମ ନହେଉ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

ଭୁବନେଶ୍ୱର
୧୭ ଜାନୁଆରୀ
ବୁଧବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24

# ରକ୍ତରଞ୍ଜିତ ହେଲା ଶୁଳିଆ ପୀଠ : ହଜାର ହଜାର ଭକ୍ତଙ୍କ ସମ୍ମୁଖରେ ପଡ଼ିଲା ବଳି

**ଦେଓଗାଁ, ୧୬।୧**
**ନ୍ୟୁଜ୍‌ବ୍ୟୁରୋ**

ଆଦିବାସୀଙ୍କ ପାରମ୍ପରିକ ଶୁଳିଆ ଯାତ୍ରା ଆରମ୍ଭ ହୋଇଛି । ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକରେ ପଶୁ ରକ୍ତରେ ଲାଲ ହୋଇଛି ଶୁଳିଆ ପୀଠ । ପରମ୍ପରା ଓ ବିଶ୍ୱାସ ଆଗରେ ହାର ମାନିଛି ଆଧୁନିକ ବିଜ୍ଞାନ । ଶୁଳିଆଦେବତାଙ୍କ ପାଖରେ ପୋଢ଼, ବୋଦା, କୁକୁଡ଼ା ବଳି ଚଢାଇ ଦର୍ଶନ କଲେ ହଜାର ହଜାର ଭକ୍ତଙ୍କ ସହ ମାନସିକଧାରୀ ।



ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ ଖଇରଗୁରା ଓ କୁମୁରିଆ ଗାଁରେ ଅନୁଷ୍ଠିତ ହେଉଛି ଶୁଳିଆଯାତ୍ରା । ମଙ୍ଗଳବାର ଭୋରରେ ଆଦିବାସୀମାନେ ପାରମ୍ପରିକ ବେଶରେ ସୁସଜ୍ଜିତ ହୋଇ ଆସିଲା ପରେ ଯାତ୍ରା ଆରମ୍ଭ ହୋଇଥିଲା । ଖଇରଗୁରା ଶୁଳିଆ ମନ୍ଦିର ଓ କୁମୁରିଆ ଦେହେରୀଙ୍କ ଘରୁ କନ୍ଧ ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ଆସିଥିଲେ । ପ୍ରଥମେ ଦେହେରୀ ପୂଜାର୍ଚ୍ଚନା କରି ସମର୍ପଣ କଲା ପରେ ପାଟ ବୋଦା ଓ କଳା କୁକୁଡ଼ା ଓ ପାରାକୁ ବଳି ଦିଆଯାଇଥିଲା । ପରେ ପରେ ମାନସିକଧାରୀ ଆଣିଥିବା ପୋଢ଼, କୁକୁଡ଼ା ଓ ବୋଦାକୁ ବଳି ଦିଆଯାଉଥିବା ଦେଖାଯାଇଥିଲା ।

ଆଦିବାସୀଙ୍କ ପରମ୍ପରା ଅନୁସାରେ ଏହି ଯାତ୍ରାରେ ଫୁଲ, ଦୁବ, ନଡିଆ ଭୋଗ ସହ ପୋଢ଼, ମେଣ୍ଢା, ବୋଦା, ପାରା ଓ କୁକୁଡ଼ା ବଳି ଦେଇ ମାନସିକଧାରୀ ପୂଜାର୍ଚ୍ଚନା କରିଥାନ୍ତି । ଚଳିତ ବର୍ଷ ତିନି ଦିନ ଉତ୍ସବ ହେଉଥିବା ବେଳେ ଗୋଟିଏ ଦିନ ଯାତ୍ରା ଅନୁଷ୍ଠିତ ହେଉଛି । ପ୍ରକାଶ ଥାଉକି ପୌଷ ଅମାବାସ୍ୟା ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ଏହି ଶୁଳିଆ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏଥିପାଇଁ କନ୍ଧ ଅଦିବାସୀମାନେ ଲିପା ପୋଛା ସହ ସମସ୍ତଙ୍କର ନୂଆ ପୋଷାକ କରିଥାନ୍ତି । ଯାତ୍ରାର ପୂର୍ବଦିନ ଅର୍ଥାତ ସୋମବାର ଦିନ ୧୨ଟାରେ ଦେବ ନିମନ୍ତ୍ରଣ ହୋଇଥାଏ । ସନ୍ଧ୍ୟାରେ ନିଷିପୂଜାରେ ଗମ୍ଭିରାଘରେ ଥିବା ଟାଙ୍ଗିଆ, ଖଣ୍ଡା ଆଦି ପୂଜା କରି ଭୋରରୁ ଦେହୁରୀ ପୀଠରେ ପହଞ୍ଚିଲା ପରେ ଯାତ୍ରା ଅନୁଷ୍ଠିତ ହୋଇଥାଏ । ପ୍ରଥମେ ଏକ ବାଉଁଶ ନଳରେ ଚାଉଳ, ଗୁଡ଼, ଘିଅ ଆଦି ଦେଇ ଭୋଗ ରନ୍ଧା ଯାଏ । ଠିକ୍ ଭାବେ ଭୋଗ ପ୍ରସ୍ତୁତ ହେଲେ ଏ ବର୍ଷ ଭଲ ବର୍ଷା ହେବ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି । ବଳିକୁ ନେଇ ଆଦିବାସୀ ଓ ପ୍ରଶାସନ ମଧ୍ୟରେ ବାଦ ବିବାଦ ଲାଗିରହୁଥିଲା । ଆଦିବାସୀଙ୍କ ପରମ୍ପରା ଉପରେ ରୋକ ଲଗାଯାଇ ପାରିବ ନାହିଁ ବୋଲି ୨୦୧୫ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦେବା ଯୋଗୁଁ ବିନା ବାଧାବିଘ୍ନରେ ଯାତ୍ରା ଅନୁଷ୍ଠିତ ହେଉଛି ।

## ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ବିରୋଧ ମାମଲା

# ଆବେଦନକାରୀଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ

**କଟକ, ୧୬।୧**
**ନ୍ୟୁଜ୍‌ବ୍ୟୁରୋ**




ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ବିରୋଧ ମାମଲାରେ ଆବେଦନକାରୀଙ୍କୁ ଭର୍ତ୍ସନା କଲେ ହାଇକୋର୍ଟ । ଆବେଦନକାରୀଙ୍କ ଆୟ ସମ୍ପର୍କରେ ତଥ୍ୟ ମାଗିଲେ ହାଇକୋର୍ଟ । ସତ୍ୟପାଠ ଜରିଆରେ ତଥ୍ୟ ଦାଖଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ଦୁଇ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଭାରତୀୟ ବିକାଶ ପରିଷଦ ଏବଂ ଜଗନ୍ନାଥ ସେନା ପକ୍ଷରୁ ଦାୟର ହୋଇଥିଲା ମାମଲା ।

## ଓ୍ୱାଡସି ସହାୟତାରେ ଜୀବିକା କାର୍ଯ୍ୟକ୍ରମକୁ ଗୁରୁତ୍ୱ

# ପ୍ରାଣୀ ପାଳନ ଓ ମାଛଚାଷ ଲାଗି ପ୍ରୋତ୍ସାହନ

**ଭୁବନେଶ୍ୱର/ଝାରସୁଗୁଡ଼ା, ୧୬।୧**
**ନ୍ୟୁଜ୍‌ବ୍ୟୁରୋ**

ଲୋକମାନଙ୍କ ଜୀବନ ଧାରଣ ମାନରେ ବିଶେଷ ଉନ୍ନତି ଆଣିବା ଲାଗି ଦୀର୍ଘସ୍ଥାୟୀ ଜୀବିକାର ଆବଶ୍ୟକତା ରହିଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଛଚାଷ ଓ ପ୍ରାଣୀ ପାଳନ ଭଳି ଜୀବିକା କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦିଆଯାଉଛି । ଖଣି ପ୍ରଭାବିତ ଝାରସୁଗୁଡ଼ା ଜିଲ୍ଲାରେ ଓ୍ୱାଡସି ପାଣ୍ଠିର ଆର୍ଥିକ ସହାୟତାରେ ଚାଲିଥିବା ଏହି କାର୍ଯ୍ୟକ୍ରମ ଯୋଗୁଁ ଆଦିବାସୀ ବର୍ଗର ହିତାଧିକାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଲାଭବାନ ହେଉଛନ୍ତି । ମାଛ ହେଉଛି ଏକ ଲାଭଜନକ ଚାଷ । ଝାରସୁଗୁଡ଼ା ଜିଲ୍ଲାରେ ଏହି ଚାଷ ପାଇଁ ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ନୂତନ ପୋଖରୀ ଖନନ ସହିତ ଆଧୁନିକ ବାୟୋଫ୍ଲକ ପଦ୍ଧତି ଓ ପଞ୍ଚାୟତ ପୋଖରୀରେ ମାଛ ଚାଷ ଲାଗି ଓ୍ୱାଡସି ସହାୟତା ଯୋଗାଇ ଦେଉଛି ।



ବାୟୋଫ୍ଲକ ଟେକ୍ନୋଲୋଜିରେ ମାଛ ଚାଷ ଅଧିକ ରୋଜଗାରର ବାଟ ଫିଟାଇଛି । ଏହି ପଦ୍ଧତିକୁ ଆପଣାଇ ଝାରସୁଗୁଡ଼ା ଜିଲ୍ଲାର ୩୪ ଜଣ ହିତାଧିକାରୀ ୬୮ଟି ଟାଙ୍କିରେ ମାଛ ଚାଷ କରିଛନ୍ତି । ସେହିପରି ଓ୍ୱାଡସି ସହାୟତାରେ ମାଛଚାଷ ପାଇଁ ନୂତନ ପୋଖରୀ ଖୋଳାକୁ ପ୍ରୋତ୍ସାହନ ଦିଆଯାଉଛି । ୨୭ ଜଣ ହିତାଧିକାରୀ ୨୨.୧୫ ଏକର ଜମିରେ ପୋଖରୀ ଖୋଳି ଲାଭବାନ ହେଉଛନ୍ତି । ଗ୍ରାଜୁଏସନ ଶେଷ କରିବା ପରେ ଗାଁରେ ରହି ମୁଁ ବାୟୋଫ୍ଲକ ପଦ୍ଧତିରେ ମାଛଚାଷ କରୁଛି । ଏଥିରୁ ମାସକୁ ୧୦ରୁ ୧୫ ହଜାର ଟଙ୍କା ରୋଜଗାର ହେଉଛି । ଏଥିରେ ମୁଁ ମୋ ଘର ଚଳାଉଛି । ଆଗକୁ ଏହି ମାଛଚାଷକୁ ବ୍ୟାପକ କରିବାକୁ ମୁଁ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି । ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ରଙ୍ଗିଆଟିକ୍ରା ଗାଁର ପ୍ରକାଶ ରୋହିଦାସ ଏଥିପାଇଁ ସେ ଓ୍ୱାଡସିକୁ ଧନ୍ୟବାଦ ଦେଇଛନ୍ତି ।

ମାଛଚାଷ ଭଳି ଅଣପାରମ୍ପରିକ କ୍ଷେତ୍ର ସହ ଯୋଡ଼ି ହୋଇଛନ୍ତି ଏସ୍‌ଏଚ୍‌ଜି ମା'ମାନେ । ଗ୍ରାମପଞ୍ଚାୟତ ପୋଖରୀରେ ମାଛଚାଷ କରି ଜିଲ୍ଲାର ୧୬୮ଟି ଏସ୍‌ଏଚ୍‌ଜି ସ୍ୱାବଲମ୍ବୀ ହୋଇଛନ୍ତି । ମାଛଚାଷ ପାଇଁ ଜିଲ୍ଲା ମତ୍ସ୍ୟ ନିର୍ଦ୍ଦେଶାଳୟ ତରଫରୁ ହିତାଧିକାରୀମାନଙ୍କୁ ତାଲିମ ଓ ବୈଷୟିକ ସହାୟତା ପ୍ରଦାନ କରାଯାଉଛି ।

## ପ୍ରତିଶ୍ରୁତି ରଖିଲେ ରେଳମନ୍ତ୍ରୀ

# ଦଶପଲ୍ଲା ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କାଉଣ୍ଟର ଖୋଲିଲା

**ଭୁବନେଶ୍ୱର, ୧୬।୧ :ନ୍ୟୁଜ୍‌ବ୍ୟୁରୋ**

ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାନୁଆରୀ ୨୦୨୪ର ପ୍ରଥମ ସପ୍ତାହରେ ଦଶପଲ୍ଲା ଗସ୍ତ ସମୟରେ ଏହି ଅଞ୍ଚଳର ଲୋକମାନେ ଦଶପଲ୍ଲା ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କାଉଣ୍ଟର (ପିଆରଏସ୍) ଖୋଲିବାକୁ ଦାବି କରିଥିଲେ । ଶ୍ରୀ ବୈଷ୍ଣବ ସେମାନଙ୍କୁ ସେହି ସମୟରେ ପ୍ରତିଶ୍ରୁତି ଦେଇ ଦଶପଲ୍ଲା ରେଳ ଷ୍ଟେସନରେ ପିଆରଏସ୍ କାଉଣ୍ଟରର ସୁବିଧା ଯୋଗାଇଦେବାକୁ ତାଙ୍କ ଅଭିଭାଷଣରେ ଘୋଷଣା କରିଥିଲେ ।



ରେଳ ମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ପାଳନ କରିଛନ୍ତି ଏବଂ ଦଶପଲ୍ଲା ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କାଉଣ୍ଟର ଖୋଲିବାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି । ଏହି ପଦକ୍ଷେପ ନିଶ୍ଚିତ ଭାବରେ ନୟାଗଡ଼, ବୌଦ୍ଧ ଏବଂ କଟକ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ମହତ୍ୱପୂର୍ଣ୍ଣ ସୁବିଧା ଯୋଗାଇଦେବ ।

୧୦ ଦିନ ମଧ୍ୟରେ ପିଆରଏସ୍ କାଉଣ୍ଟର ଯୋଗାଇବାରେ ରେଳ ପ୍ରଶାସନର ତୀବ୍ର କାର୍ଯ୍ୟକାରିତା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁବିଧା ପ୍ରଦାନ କରାଇବା କ୍ଷେତ୍ରରେ ଏକ ପ୍ରତିବଦ୍ଧତା ଦର୍ଶାଏ । ଏହି କାଉଣ୍ଟର ପ୍ରତିଷ୍ଠା ଉକ୍ତ ଅଞ୍ଚଳର ଲୋକଙ୍କୁ ଦୂର ସହରକୁ ଯାତ୍ରା ନକରି ସଂରକ୍ଷିତ ରେଳ ଟିକେଟ ବୁକ୍ କରିବା ସହଜ କରିବ ।

ଦଶପଲ୍ଲା ରେଳ ଷ୍ଟେସନକୁ ରେଳ ସଂଯୋଗ ସହିତ ଟ୍ରେନଗୁଡିକର ଚଳାଚଳ ସଂପ୍ରସାରଣ ଏବଂ ଦଶପଲ୍ଲା ରେଳ ଷ୍ଟେସନ ବିଲ୍ଡିଂର ଉଦ୍‌ଘାଟନ ଏହି ଅଞ୍ଚଳ ପାଇଁ ରେଳ ସେବା ବୃଦ୍ଧିରେ ଏକ ସକରାତ୍ମକ ପଦକ୍ଷେପ ବୋଲି ଚିହ୍ନିତ ହୋଇଛି । ପରିବହନ ବିକାଶ ଭିତ୍ତିଭୂମି ଏବଂ ସଂଯୋଗୀକରଣର ସାମଗ୍ରିକ ଉନ୍ନତିରେ ଏହିପରି ବିକାଶ ଉଭୟ ଅଧିବାସୀ ଏବଂ ପରିଦର୍ଶକଙ୍କୁ ଉପକୃତ କରିବ ।

### ପ୍ରକାଶ ପାଇଲା ଜୁନିଅର ଟିଚର (ସ୍କିମାଟିକ) ରେଜଲ୍ଟ : ୧୮,୭୮୮ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୧୬।୧ :ନ୍ୟୁଜ୍‌ବ୍ୟୁରୋ**

ପ୍ରକାଶ ପାଇଛି ଜୁନିଅର ଟିଚର (ସ୍କିମାଟିକ) ରେଜଲ୍ଟ । ୨୦ ହଜାର ପଦ ପାଇଁ ୯୩ ହଜାର ୯୬୬ ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ । ଯେଉଁଥିରେ ସମୁଦାୟ ୧୮ ହଜାର ୭୮୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦୀର୍ଘ ୭ ବର୍ଷ ପରେ ବାହାରିଥିବା ଏହି ମେଗା ଟିଚର ନିଯୁକ୍ତି ପରୀକ୍ଷା ଗତ ବର୍ଷ ନଭେମ୍ବର ୩ରୁ ୧୭ ଯାଏ ଚାଲିଥିଲା । ପରୀକ୍ଷା ଫଳ osepa.odisha.gov.inରେ ପ୍ରକାଶ ପାଇଛି ।

# ୧୧୦୦ ଆଦିବାସୀଙ୍କ ନାଁରେ ୱାରେଣ୍ଟ : ଗିରଫ ଭୟରେ ଜଙ୍ଗଲରେ ଲୁଚିଛନ୍ତି

**ନାରାୟଣପାଟଣା, ୧୬।୧**
**ନ୍ୟୁଜ୍‌ବ୍ୟୁରୋ**

ଚାଷୀ ମୂଲିଆ ଆଦିବାସୀ ସଂଘର ୧୧୦୦ରୁ ଅଧିକ ସଦସ୍ୟଙ୍କ ନାଁରେ ଏକକାଳୀନ ୱାରେଣ୍ଟ ଜାରି ପରେ ନାରାୟଣପାଟଣା ବ୍ଲକରେ ପୁଣି ଭୟର ବାତାବରଣ ସୃଷ୍ଟି ହୋଇଛି । ଗିରଫଦାରୀକୁ ଏଡ଼ାଇବା ପାଇଁ ଅଧିକାଂଶ ଆଦିବାସୀ ଏବେ ଜଙ୍ଗଲରେ ଲୁଚିଛନ୍ତି । ସେହିପରି କିଛି ଜଣ ବ୍ଲକ ଛାଡ଼ିଥିବା ବେଳେ ବହୁ ଲୋକ ସଂପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି । ପୁଲିସର ତଲାସୀ ଅଭିଯାନ ଜୋରଦାର ହେବାପରେ କିଛି ଗାଁ ପୁରୁଷଶୂନ୍ୟ ହୋଇଯାଇଥିବା ସୂଚନା ମିଳିଛି ।

ଅଣ ଆଦିବାସୀଙ୍କ ନିକଟରେ ରହିଥିବା ଆଦିବାସୀଙ୍କ ଜମିକୁ ଫେରାଇ ଆଣିବା, ମଦ ବନ୍ଦ ଏବଂ ଗୋତିପ୍ରଥା ବନ୍ଦ ଦାବିରେ ନାରାୟଣପାଟଣା ବ୍ଲକରେ ଚାଷୀ ମୂଲିଆ ଆଦିବାସୀ ସଂଘ ହୋଇଥିଲା । ଦୁଇ ଦଶନ୍ଧି ଧରି ସଂଘ ଆନ୍ଦୋଳନ କରିବା ସହ ଦାବି ହାସଲ ପାଇଁ ହିଂସା ପଥକୁ ବାଛିଥିଲା । ଯାହାଫଳରେ ବ୍ଲକରେ ଅଶାନ୍ତି ସୃଷ୍ଟି ହେବାରୁ ସରକାର ଦମନ ପାଇଁ ଫୋର୍ସ ମୁତୟନ କରିଥିଲେ । ନାରାୟଣପାଟଣା ଥାନା ଆକ୍ରମଣ ଘଟଣା ପରେ ସଂଘର ବହୁ ସଦସ୍ୟ ଆତ୍ମସମର୍ପଣ କରିଥିଲେ । ବହୁ ଦିନ ଧରି ପୁଲିସ ସହ ଲୁଚକାଳି ପରେ ଶେଷରେ ସଂଘର ସଭାପତି ନାଚିକା ଲିଙ୍ଗା ୨୦୧୩ ମସିହାରେ ଆତ୍ମସମର୍ପଣ କଲେ । ଏହାପରେ ସଂଗଠନ ଦୁର୍ବଳ ହୋଇ ପରବର୍ତ୍ତୀ ସମୟରେ ଆଉ ଚିହ୍ନବର୍ଣ୍ଣ ରହିଲା ନାହିଁ ।

ସରକାରଙ୍କ ନିକଟରେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତକୁ ଫେରିଥିବା ସଂଘର ସଦସ୍ୟମାନେ ପ୍ରାୟ ୧୦ବର୍ଷ ହେଲା ସ୍ୱାଭାବିକ ଜୀବନ ବଞ୍ଚୁଥିଲେ । ଅନ୍ୟପଟେ ପୁଲିସ ୧୫୦୦ରୁ ଉର୍ଦ୍ଧ୍ୱ ଆଦିବାସୀଙ୍କ ବିରୋଧରେ ରୁଜୁ କରିଥିବା ହତ୍ୟା, ଘରଭଙ୍ଗା, ଲୁଟ୍, ହିଂସାକାଣ୍ଡ ମାମଲା ବିଚାରାଧୀନ ରହିଛି । ଏହି ମାମଲା ଗୁଡ଼ିକର ଫଇସଲା ହୋଇନଥିବାରୁ କୋର୍ଟ ଚଳିତ ମାସରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ । କୋର୍ଟଙ୍କ ଆଦେଶ ବଳରେ କିଛି ଦିନ ହେଲା ପୁଲିସ ସଂଘର ପୂର୍ବତନ ସଦସ୍ୟଙ୍କୁ ଗିରଫ କରିବା ଆରମ୍ଭ କରିଛି । ରାତି ଅଧରେ ଗାଁରେ ପଶିବା ସହ ପୂର୍ବତନ ସଦସ୍ୟଙ୍କୁ ଫୋନ୍ କରୁଛି । ଏହି ଖବର ପ୍ରଚାର ହେବାପରେ ପୁରୁଣା ମାମଲାରେ ଗିରଫ ଭୟରେ ସଂଘର ସଦସ୍ୟମାନେ ଆତ୍ମଗୋପନ କରିଛନ୍ତି । ପ୍ରାୟ ୧୧୦୦ ପୂର୍ବତନ ସଦସ୍ୟଙ୍କ ନାଁରେ ୱାରେଣ୍ଟ ଜାରି ହୋଇଥିବା ସୂଚନା ମିଳିଛି । ଏ ନେଇ ନାରାୟଣପାଟଣା ଥାନା ଅଧିକାରୀ ସୁଷମା କଅଁରଙ୍କୁ ଯୋଗାଯୋଗ କରିବାରୁ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉଛି ବୋଲି କହିଛନ୍ତି । ଏହି ଅଭିଯାନ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏଥିରେ ଆଦୌ ଭୟଭୀତ ହେବାର ନାହିଁ । ଯେଉଁମାନଙ୍କ ନାମରେ ୱାରେଣ୍ଟ ରହିଛି ସେମାନେ ଓକିଲଙ୍କ ସହାୟତାରେ କୋର୍ଟରେ ଜାମିନ୍ ପାଇ ଘରକୁ ଫେରିପାରିବେ ।

# ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟିଲେ ୪ ଦୁର୍ବୃତ୍ତ

**ପର୍ଜଙ୍ଗ, ୧୬।୧ :ନ୍ୟୁଜ୍‌ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା କାମକ୍ଷାନଗର ଥାନା ମୁକ୍ତାପଶି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟସ୍ଥ ଏକ ଔଷଧ ଦୋକାନୀକୁ ଔଷଧ ଦେଇ ଫେରିବା ବାଟରେ ଜଣେ ସେଲ୍‌ସମ୍ୟାନ୍ ଲୁଟ୍‌ର ଶିକାର ହୋଇଛନ୍ତି । ଦୁର୍ବୃତ୍ତମାନେ ସେଲ୍‌ସମ୍ୟାନଙ୍କ ଠାରୁ ପ୍ରାୟ ୨ ଲକ୍ଷ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି । ଲୁଟ୍‌ର ଶିକାର ହୋଇଛନ୍ତି ପ୍ରକାଶ ବେହେରା । ସୂଚନା ଅନୁସାରେ ପ୍ରକାଶ ବେହେରା ପଣ୍ଡୁଆ, ସାଆନ୍ଦା, ପର୍ଜଙ୍ଗ, ପରମହଂସପୁର, ସମଲ ଓ ଏନ୍‌ଟିପିସିରୁ କଲେକ୍ସନ ପାଇଁ ଯାଇଥିଲେ । ଅପରାହ୍ଣ ପ୍ରାୟ ୩ଟା ବେଳେ ଆର୍‌ଏସ୍ ମେଡ଼ିସିନ ଷ୍ଟୋରରେ ଔଷଧ ଦେଇ ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ତାଙ୍କ ପାଖରେ ପହଞ୍ଚିଥିଲେ । ଦୁର୍ବୃତ୍ତମାନେ ପ୍ରକାଶଙ୍କୁ ଭୟଭୀତ କରିଥିଲେ । ତାଙ୍କ ବେକକୁ ଧରି ପଛରେ ପିସ୍ତଲ ଲଗାଇ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ନେଇଥିଲେ । ପୂର୍ବରୁ ଅନ୍ୟ ଦୁଇ ଜଣ ଦୁଇଟି ବାଇକରେ ପ୍ରସ୍ତୁତ ହୋଇ ରହିଥିଲେ । କେତେକ ଦେଖଣାହାରୀ ଭାବିଥିଲେ କି ତାଙ୍କ ସଂପର୍କୀୟ କେହି ଥଟ୍ଟାମଜା କରୁଛନ୍ତି । ଚାରି ଜଣ ଦୁର୍ବୃତ୍ତ ଜାତୀୟ ରାଜପଥର ବଡ଼ଝରା, ବାରିହାପୁର ଆଡ଼କୁ ଦ୍ରୁତଗତିରେ ପଳାଇଥିଲେ ।

# ମନୋରମା ମହାନ୍ତି ହେଲେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୬।୧ :ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକଙ୍କ ବଦଳି ହୋଇଛି । ଏଠାରେ କାର୍ଯ୍ୟରତ ଏଚ୍‌ଆର ବିଶ୍ୱାସଙ୍କୁ କୋଲକାତା ବଦଳି ହୋଇଛି । ତାଙ୍କ ସ୍ଥାନରେ ଓଡ଼ିଆ ଝିଅ ମନୋରମା ମହାନ୍ତିଙ୍କୁ କେନ୍ଦ୍ର ସରକାର ନିଯୁକ୍ତି ଦେଇଛନ୍ତି । ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି ।



ନିଜ ଜନ୍ମମାଟିରେ ଦାୟିତ୍ୱ ଗ୍ରହଣ କରିବା ପରେ ମନୋରମା ବେଶ୍ ଖୁସି ଅନୁଭବ କରିଛନ୍ତି । ସେ ଗଣମାଧ୍ୟମକୁ କହିଛନ୍ତି, ଅତୀତରେ ଓଡ଼ିଶା ଅନେକ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଆସିଛି । ଏବେ ଓଡ଼ିଶା କ୍ଷେତ୍ରରେ ନିଜର ଦାୟିତ୍ୱ ରହିବ । ପୂର୍ବରୁ ଗୁଜରାଟ ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ପାଣିପାଗ ବିଜ୍ଞାନୀ ଭାବେ କାମ କରିଛି । ଜନ୍ମମାଟିରେ ଦାୟିତ୍ୱବାନର ସହିତ କାମ କରିବି । ପୂର୍ବତନ ନିର୍ଦ୍ଦେଶକ ଏଚଆର ବିଶ୍ୱାସ କହିଛନ୍ତି, ଏହି ବଦଳି ଏକ ସ୍ୱାଭାବିକ ପ୍ରକ୍ରିୟା । ଓଡ଼ିଶାରେ ଫନି ଭଳି ବାତ୍ୟା ତାଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା ।

# ମୁରଲୀ ଓ ଅପୂର୍ବଙ୍କ ଇସ୍ତଫା କଂଗ୍ରେସ ପାଇଁ ଧକ୍କା

**ଭୁବନେଶ୍ୱର, ୧୬।୧ :ନ୍ୟୁଜ୍‌ବ୍ୟୁରୋ**

ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା'ର ସଫଳତା ପରେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'ର ଶୁଭାରମ୍ଭ ମଣିପୁରରୁ ହୋଇସାରିଛି । କଂଗ୍ରେସ ପ୍ରତି ଦେଶରେ ସମର୍ଥନ ବଢୁଥିବା ପରିପ୍ରେକ୍ଷୀରେ ଏହା ଦଳ ପାଇଁ ନିଶ୍ଚିତ ଭାବେ ଭଲ ଖବର । ତେବେ ଏହି ସମୟରେ ଆଉ ଏକ ବଡ଼ ଖରାପ ଖବର ମଧ୍ୟ କଂଗ୍ରେସକୁ ଶକ୍ତ ଧକ୍କା ଦେଇଛି । ଗତ ରବିବାର ରାହୁଲ ଗାନ୍ଧୀ ମଣିପୁରରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରିଛନ୍ତି । ଏଥିପାଇଁ ମଣିପୁର ସରକାର ପୂର୍ବରୁ ସ୍ୱୀକୃତି ପ୍ରଦାନ କରିଥିଲେ । କଂଗ୍ରେସ ସଭାପତି ମଲିକାର୍ଜୁନ ଖଡ୍‌ଗେଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଏଥିରେ ସାମିଲ ହୋଇଛନ୍ତି । ତେବେ ଦଳକୁ ଧକ୍କା ଦେଲା ଭଳି ବଡ଼ ଖବର ଆସିଛି । ମହାରାଷ୍ଟ୍ରର ବରିଷ୍ଠ ତଥା ଜଣାଶୁଣା କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ଦେଓରା କଂଗ୍ରେସର ନୀତିକୁ ବିରୋଧ କରି ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି । ଦୀର୍ଘ ୪୦ବର୍ଷରୁ ଅଧିକ କାଳ ସେ କଂଗ୍ରେସ ସାଂସଦ ଭାବେ ରହିଆସିଥିଲେ ଏବଂ ବହୁ ବର୍ଷ କେନ୍ଦ୍ରରେ ମନ୍ତ୍ରୀ ମଧ୍ୟ ରହିଥିଲେ । ତାଙ୍କର ସାଂଗଠନିକ ଦକ୍ଷତା ମଧ୍ୟ ରହିଥିଲା । ହାଠାତ ତାଙ୍କର ଇସ୍ତଫା ନେଇ କଂଗ୍ରେସ ହାଇକମାଣ୍ଡି ଚିନ୍ତିତ ହୋଇପଡ଼ିଛନ୍ତି । ସେହିପରି ଆସାମର ବରିଷ୍ଠ କଂଗ୍ରେସ ନେତା ଅପୂର୍ବ ଭଟ୍ଟାଚାର୍ଯ୍ୟ ମଧ୍ୟ ଦଳ ଛାଡ଼ିଛନ୍ତି । ଏହି ଦୁଇ ବରିଷ୍ଠ ନେତା କଂଗ୍ରେସ ଛାଡ଼ିବା ନିଶ୍ଚିତ ଭାବେ ଦଳ ପାଇଁ ବଡ଼ କ୍ଷତି ବୋଲି ଅନେକ ନେତା ମତ ଦେଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଅଧିର ରଞ୍ଜନ ଚୌଧୁରୀ କହିଛନ୍ତି ଯେ, କିଛି ନେତା ଦଳକୁ କବ୍‌ଜା କରିଛନ୍ତି, ଯେଉଁମାନେ କି ସତ କହୁଥିବା ନେତାମାନଙ୍କୁ ସହ୍ୟ କରିପାରୁ ନାହାନ୍ତି ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# 'ବିପର୍ଯ୍ୟୟ ପରିଚାଳନାରେ ନାଗରିକ ସହଭାଗିତା ସବୁଠାରୁ ବଡ଼ ଅସ୍ତ୍ର'

**ବାଲେଶ୍ୱର, ୧୬।୧ :ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍ବ-୨୦୨୪ର ଚତୁର୍ଥ ସନ୍ଧ୍ୟାରେ 'ବିପର୍ଯ୍ୟୟ ପରିଚାଳନା-ବାହାନଗା'କୁ କେନ୍ଦ୍ର କରି ଉଦ୍‌ଘାଟିତ ହୋଇଯାଇଛି ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗ ଦେଇଥିଲେ । ଏଥିସହିତ ସମ୍ମାନନୀୟ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, କେନ୍ଦ୍ରାଞ୍ଚଳ ଆରଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ପୂର୍ବାଞ୍ଚଳ ଆଇ.ଜି. ହିମାଂଶୁ ଲାଲ, ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ ଓ ସଭା ପ୍ରାରମ୍ଭରେ ଦିବଂଗତ ପ୍ରଶାସନିକ ଅଧିକାରୀ ବିଶ୍ୱରଞ୍ଜନ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜିଲ୍ଲାର ବରିଷ୍ଠ ପଦାଧିକାରୀମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ଗତ ୨୦୨୩ ମସିହା ଜୁନ ୨ ତାରିଖରେ ଘଟିଥିବା ମର୍ମନ୍ତୁଦ ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟ ପାଇଁ ଆଗେଇ ଆସିଥିବା ସ୍ୱେଚ୍ଛାସେବୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବାକୁ ମୁଖ୍ୟ ଅତିଥି ଭୁରି ଭୁରି ପ୍ରଶଂସା କରିଥିଲେ । "ବିପର୍ଯ୍ୟୟ ପରିଚାଳନାରେ ନାଗରିକ ସହଭାଗିତା ସବୁଠାରୁ ବଡ ଅସ୍ତ୍ର ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ, ବାହାନଗା ବାସିନ୍ଦା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପ୍ରତିକ୍ରିୟା ବାହିନୀ ସେମାନଙ୍କର ସମୟାନୁବର୍ତ୍ତୀ, ନିସ୍ୱାର୍ଥପର ସେବା ସହିତ ଆମର ମୁଣ୍ଡକୁ ଉଚ୍ଚ କରି ରଖିଛନ୍ତି," ବୋଲି ମତ ପ୍ରକାଶ କରିଛନ୍ତି ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ।




ଏହି ପରିପ୍ରେକ୍ଷୀରେ ବାହାନଗା ରେଳ ଦୁର୍ଘଟଣାର ଉଦ୍ଧାର କାର୍ଯ୍ୟରେ ଯୋଗଦେଇ ଉତ୍ତମ ମାନବିକତାର ଉଦାହରଣ ଦେଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ବିଭାଗ, ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଥିଲା ଏହି ଦିନର ମୁଖ୍ୟ ଆକର୍ଷଣ । ସୂଚନାଯୋଗ୍ୟ ଅଧିବେଶନରେ ନିୟୋଜିତ ହୋଇ ବିପର୍ଯ୍ୟୟ ମୁକାବିଲା ରଣନୀତି ଉପରେ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ । ଏହି ମହୋତ୍ସବର ଚତୁର୍ଥ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ତଥା ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ଗାୟକ ୟାସିର ଦେଶାଇଙ୍କ କଳାତ୍ମକ ପରିବେଷଣ ସମସ୍ତ ଦର୍ଶକମାନଙ୍କ ମନୋରଞ୍ଜନ କରିଥିବା ବେଳେ ବିଭିନ୍ନ କଳାକାରମାନେ ନିଜ ନିଜ କଳା ଦ୍ୱାରା ସମସ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ ।


## ଏବେ ବଜାରରେ ଉପଲବ୍ଧ...

## 'କଥାକଳିକା' ଜାନୁଆରୀ - ୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚିଦାନନ୍ଦ କର, ମୁଠାଏ ଆଶା- ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)